



■ରାଜପଥରୁ ଲୁଟ୍ ଯୋଜନା ପଣ୍ଡ

# ଡକାୟତ ଗ୍ୟାଙ୍ଗ୍‌ର ୪ ଗିରଫ

■୪ ସହଯୋଗୀ ଫେରାର

■ବନ୍ଧୁକ, ଜୀବନ୍ତ ଗୁଳି ଜବତ



**ଅନୁଗୋଳ ଅଫିସ୍, ୨୦।୧୦**

ଦଶହରା ପୂଜା ସମୟରେ ରାଜପଥରୁ ଏକ ଡକାୟତି ଗ୍ୟାଙ୍ଗର ଲୁଟ୍ ଯୋଜନା ପଣ୍ଡ ହୋଇଛି। ଅନୁଗୋଳ ପୋଲିସ ଏ ସମ୍ପର୍କରେ ଆଗୁଆ ଖବରପାଇ ଗ୍ୟାଙ୍ଗର ସମସ୍ତ ୪ ଜଣଙ୍କୁ ଗିରଫ କରିଛି। ଏ ନେଇ ଗୁରୁବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅନୁଗୋଳ ଏସଡିପିଓ ହରିହର ପାଣି ସୂଚନା ଦେଇଛନ୍ତି।

ପୋଲିସ କହିଛି, ଏକାଧିକ ଲୁଟ୍ ଓ ହତ୍ୟାକାଣ୍ଡ ମାମଲାରେ ସମ୍ପୃକ୍ତ ଥିବା ତାଳଚେର ଥାନା ନାକେଇପସି ଅଞ୍ଚଳର ଜିତୁ ଓରଫ ରଣଜିତ ନାଏକ, ଭାଇ ରାଜ ନାଏକ, ନୂଆପଡା ଅଞ୍ଚଳର ପପୁ ନାଏକ ଏବଂ ଅନୁଗୋଳ ଥାନା ପଞ୍ଚମହଲା ଅଞ୍ଚଳର ଅନିଲ ବେହେରା ବୁଧବାର ରାତିରେ ରାଜପଥରୁ ଟ୍ରକ୍ ଲୁଟ୍ କରିବାକୁ ଯୋଜନା କରିଥିଲେ। ପୂର୍ବରୁ ଗିରଫ ହୋଇ ୧୫ ଦିନିଆ ପାରୋଲ୍‌ରେ ଆସି ଫେରାର ହୋଇଯାଇଥିବା ମୁଖ୍ୟ ଅଭିଯୁକ୍ତ ଜିତୁ ଗ୍ୟାଙ୍ଗର ଉପରୋକ୍ତ ୩ ଜଣ ଓ ଅନ୍ୟ ୪ ସହଯୋଗୀଙ୍କ ସହ ଲୁଟ୍ ପାଇଁ ଯୋଜନା ପ୍ରସ୍ତୁତ କରୁଥିଲେ। ପୋଲିସ ଚଢ଼ାଉ କରି ସେମାନଙ୍କୁ ଗିରଫ କରିଛି। ଅନ୍ୟ ୪ ସହଯୋଗୀ ମାନସ ସାହୁ, ତୋଫାନ ଦେହୁରୀ, ପଦ୍ମଲୋଚନ ନାଏକ ଓ ସୁନିଲ ନାଏକ ଫେରାର ଅଛନ୍ତି। ଗିରଫ ଅଭିଯୁକ୍ତଙ୍କଠାରୁ ୯ ଏମଏମ ବନ୍ଧୁକ, ୫ଟି ଜୀବନ୍ତ ଗୁଳି, ୨ ଭୁଜାଲି, ଗୋଟିଏ ଛୁରୀ ଓ ୪ଟି ମୋବାଇଲ ସହ ୩ ଚୋରା ବାଇକ୍ ଜବତ କରାଯାଇଥିବା ଏସଡ଼ିପିଓ ସୂଚନା ଦେଇଛନ୍ତି।

# ମେଲାଣି ନେଲେ ମା'

**ଅନୁଗୋଳ ଅଫିସ,୨୦।୧୦**

ଶୋଭାଯାତ୍ରା, ଘଣ୍ଟଘଣ୍ଟା, ବାଦ୍ୟବାଜଣା ସହ ମା' ଦୁର୍ଗାଙ୍କୁ ମେଲାଣି ଦେଇଛନ୍ତି ଅନୁଗୋଳବାସୀ। ଶନିବାର ଶାନ୍ତିଶୃଙ୍ଖଳାର ସହ ମା'ଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଛି। ଉତ୍ସବବେଳେ ସମଗ୍ର ସହର ନୃତ୍ୟ, ଗୀତରେ ପ୍ରକମ୍ପିତ ହୋଇଉଠିଥିଲା। ବିଶେଷ କରି ପାରମ୍ପରିକ ବାଦ୍ୟ ଲୋକଙ୍କୁ ଆକର୍ଷିତ କରିଥିଲା। ତେବେ ଭସାଣିରେ ଉଚ୍ଚ ଶବ୍ଦରେ ଡିଜେ ସାଉଣ୍ଡ ବାଜି ନ ଥିବା ଯୋଗୁ ସହରବାସୀ ଆଶ୍ୱସ୍ତ ହୋଇଥିଲେ। ବିଶେଷ କରି ପାରମ୍ପରିକ ଢଙ୍ଗରେ ମା'ଙ୍କୁ ବିଦାୟ ଦେବାକୁ ସମସ୍ତ ଆୟୋଜନ କରାଯାଇଥିଲା। ଲଉଡ଼ି ଖେଳ ଠାରୁ ଆରମ୍ଭ କରି ପାଇକ ଆଖଡ଼ା, ଛତ ଯାତ୍ରା, ଶିଙ୍ଗ ବାଜା, କୀର୍ତ୍ତନ ଆଦି ସହ ପୁଣି ବ୍ୟାଣ୍ଡ ପାର୍ଟି ପକ୍ଷରୁ ଗୀତ ପରିବେଷିତ ହୋଇଥିଲା। ଏଥିସହ ଆତସବାଜି ମଧ୍ୟ ପ୍ରଦର୍ଶନ କରାଯାଇଥିଲା। ପୂଜା କମିଟିର କର୍ମକର୍ତ୍ତାଙ୍କ ସହ ବହୁ ସଂଖ୍ୟାରେ ସହରବାସୀ ଭସାଣି ଯାତ୍ରାରେ ସାମିଲ ହୋଇ ଏହାକୁ ଉପଭୋଗ କରିଥିଲେ। ପରେ ମା'ଙ୍କ ମେଢକୁ ଶୋଭାଯାତ୍ରାରେ ନିଆଯାଇଥିଲା। ପରେ ନିଜ ନିଜ ଅଞ୍ଚଳରେ ଥିବା ଜଳଉତ୍ସରେ ବିସର୍ଜନ କରାଯାଇଥିଲା।



ଦୁର୍ଗା ଶଙ୍କର ପୂଜା କମିଟି ପକ୍ଷରୁ ପ୍ରଦର୍ଶିତ ଲଉଡ଼ି ଖେଳ।



ଭସାଣିବେଳେ ପାଇକ ଆଖଡ଼ା କୌଶଳ ପ୍ରଦର୍ଶନ କରାଯାଉଛି।



ମା'ଙ୍କୁ ଭସାଣି ଶୋଭାଯାତ୍ରାରେ ନିଆଯାଉଛି।






■ପୃଥକ୍ ଦୁର୍ଘଟଣାରେ ୨ ମୃତ

# ପ୍ରତିଶ୍ରୁତି ପରେ ଆନ୍ଦୋଳନ ହଟିଲା

**ତାଳଚେର,୨୦।୧୦(ନି.ପ୍ର.)**

ତାଳଚେରଠାରେ ଶୁକ୍ରବାର ଦୁଇଟି ଦୁର୍ଘଟଣା ଘଟି ୨ ଜଣଙ୍କ ମୃତ୍ୟୁ ଘଟିଛି। ରାତି ପ୍ରାୟ ୧୦ଟାରେ ଦୁର୍ଗାପୂଜା ଦେଖି ତାଳଚେର ଜିଲିଣ୍ଡା ଗ୍ରାମର ସୁନୀଲ ସାହୁ ଏକ ବାଇକ୍(ନଂ.ଓଡି୩୫ବି-୬୪୯୯)ରେ ଫେରୁଥିବାବେଳେ ଏକ ଅଜଣା ଅଟୋ ତାଙ୍କୁ ଧକ୍କା ଦେଇଥିଲା । ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଗ୍ରାମବାସୀ କ୍ଷତିପୂରଣ ଦାବିରେ ଶୁକ୍ରବାର ରାତିଠାରୁ ଭୁବନେଶ୍ୱରୀ କୋଇଲା ଖଣିକୁ ବନ୍ଦ କରିଥିଲେ। ଶନିବାର ଅପରାହ୍ନରେ ଖଣି କର୍ତ୍ତୃପକ୍ଷ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ୨ ଲକ୍ଷ ୧୦ ହଜାର ଟଙ୍କା କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ସେହିପରି କଲିୟାରୀ ଥାନା ସେଣ୍ଟ୍ରାଲ ହସ୍ପିଟାଲ ନିକଟରେ ଦୁର୍ଘଟଣାରେ ଜଣେ ବାଇକ ଆରୋହୀଙ୍କର ମୃତ୍ୟୁ ଘଟିଛି । ମୃତକ ହେଲେ ତାଳଚେର ଟାଉନ ଭୈରବୀ ସାହିର ରାଜୁ ଭୁତିଆ(୨୨)। ରାଜୁ ବାଇକ ଯୋଗେ ଦଶହରା ପୂଜା ଦେଖି ଘରକୁ ଫେରୁଥିବାବେଳେ ସେଣ୍ଟ୍ରାଲ ହସ୍ପିଟାଲ ନିକଟରେ ଏକ ଟାଟା ମ୍ୟାଜିକ୍(ନଂ.ଓଡି୧୯-୩୦୧୧) ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ସେଣ୍ଟ୍ରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ କଲିୟାରୀ ପୋଲିସ ନଂ. ୩୦୨/୧୮ରେ ଏକ ମାମଲା ରୁଜୁ କରିଛି। ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

# ବନ୍ଧୁକ ଚାଳନା ପ୍ରତିଯୋଗିତା ଉଦ୍‌ଘାଟିତ



**ତାଳଚେର, ୨୦।୧୦(ନି.ପ୍ର.)**

ତାଳଚେର ରାଇଫଲ କ୍ଲବ ପକ୍ଷରୁ ରାଜାହୃଦୟ ଚନ୍ଦ୍ର ଦେବ ଶୁଟିଙ୍ଗ କମ୍ପ୍ଲେକ୍ସଠାରେ ଶନିବାର ୫୪ତମ ବନ୍ଧୁକଚାଳନା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ପାଦକ ପ୍ରବୀର ଚନ୍ଦ୍ର ଧୀର ଦେବ, ଶରତ ଦେବ, ସୁବୀର ଚନ୍ଦ୍ର ଦେବ, ପ୍ରମୋଦ ଚନ୍ଦ୍ର ସାହୁ, ମାନସୀ ସିଂଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ରାଜ୍ୟର ବିଭିନ୍ନ ଜିଲାରୁ ପ୍ରତିଯୋଗୀମାନେ ଏଥିରେ ଅଂଶଗ୍ରହଣ କରିଛନ୍ତି। ଶନିବାର .୨୨ ବୋର ରାଇଫଲ ଷ୍ଟାଣ୍ଡିଙ୍ଗ ଏବଂ ପ୍ରୋନ (୫୦ ମିଟର) ,୧୭୭ ଏୟାର ରାଇଫଲ ପ୍ରତିଯୋଗିତା ହୋଇଥିଲା।





सत्यमेव जयते

POLICE COMMEMORATION DAY

Message

I am glad to know that the 59th **Police Commemoration Day** is being observed across the country including Odisha at the State Police Head-quarters and District Police Headquarters on October 21, 2018.

The day is of great significance for Police personnel of all ranks. It is a day of remembering and expressing gratitude to all those martyred police personnel for their bravery, heroism, sacrifice and devotion to duty. Odisha Police has a distinct recored of serving people in difficult circumstances daring and braving challenges. This is truly admirable. While paying my tribute to the martyred police personnel I urge upon those in service to draw fresh inspiration and continue to serve with pride and dignity holding the spirit high. My best wishes to the Odisha Police.

I will the observance all success.

(Ganeshi Lal)

DSPL - 203

12029/13/0048/1819






सत्यमेव जयते

ପୋଲିସ ଶହୀଦ ସ୍ମୃତି ଦିବସ

ବାର୍ତ୍ତା

ଓଡ଼ିଶା ପୋଲିସ ତରଫରୁ ୫୯ତମ **"ପୋଲିସ ଶହୀଦ ସ୍ମୃତି ଦିବସ"** ଅକ୍ଟୋବର ୨୧ ତାରିଖ, ୨୦୧୮ ଦିନ ପାଳନ କରାଯାଉଅଛି। ଦେଶ ପାଇଁ ସର୍ବୋଚ୍ଚ ତ୍ୟାଗ ସ୍ୱୀକାର କରିଥିବା ବୀର ପୋଲିସମାନଙ୍କର ସ୍ମୃତି ଉଦ୍ଦେଶ୍ୟରେ ୧୯୬୦ ମସିହାରୁ ଏହି ଦିବସ ପାଳନ କରାଯାଇ ଆସୁଅଛି।

ଆଜିର ଏହି ସ୍ମରଣୀୟ ଦିବସରେ ମୁଁ ସେହି ଶହୀଦ ପୋଲିସମାନଙ୍କ ଅମର ଆତ୍ମା ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ଓ ସେମାନଙ୍କ ପରିବାର ବର୍ଗଙ୍କୁ ମୋର ସମବେଦନା ଜଣାଉଛି।

(ନବୀନ ପଟ୍ଟନାୟକ)

DSPL - 203

12029/13/0048/1819

## ସଂକ୍ଷେପରେ

### ଡମ୍ଫର ଧକ୍କାରେ ବୋଲେରୋ ଚୂରମାର



ତାଳଚେର,୨୦।୧୦ (ନି.ପ୍ର.)- ଏମ୍‌ସିଏଲର ଲିଙ୍ଗରାଜ କୋଇଲା ଖଣିରେ ଗୁରୁବାର ସକାଳେ ଏକ ଡମ୍ଫର ଧକ୍କାରେ ଏକ ବୋଲେରୋ ଭାଙ୍ଗି ଚୂରମାର ହୋଇଯାଇଛି। ଏଥିରେ ବୋଲେରୋ ଡ୍ରାଇଭର ବିକ୍ରମ ପ୍ରଧାନଙ୍କ ସମେତ ଜଣେ ବ୍ୟକ୍ତି ଆହତ ହୋଇଛନ୍ତି। ଉଭୟଙ୍କୁ ସେଣ୍ଟ୍ରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଖଣି ସୁରକ୍ଷା ବିଭାଗ ଓ ଖଣି କର୍ତ୍ତୃପକ୍ଷ ଶ୍ରମିକଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେଉ ନ ଥିବାରୁ ବାରମ୍ବାର ଖଣିରେ ଦୁର୍ଘଟଣା ଘଟୁଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି।

### କାର୍ ଧକ୍କାରେ ପିଅନ ମୃତ

ବନ୍ତଲା,୨୦।୧୦(ଡି.ଏନ.ଏ.)- ଅନୁଗୋଳ ଜିଲା ବନ୍ତଲା ଥାନା ଶଙ୍ଖପୁର ଧାନ କଳ ନିକଟରେ ଗୁରୁବାର ଏକ କାର (ନଂ.ଓଆର୧୯ଏଲ୫୨୫୩) ଧକ୍କାରେ ପୋକତୁଙ୍ଗା ଗ୍ରାମ ପଞ୍ଚାୟତ ପିଅନ ଦୁଷ୍ମନ୍ତ ଦେହୁରୀ(୪୦)ଙ୍କ ମୃତ୍ୟୁ ହୋଇଛି। ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରିଛି। ମୃତକଙ୍କ ଭାଇ ଦୁର୍ଯ୍ୟୋଧନ ଦେହୁରୀଙ୍କ ଅଭିଯୋଗକ୍ରମେ ଏକ ମାମଲା ରୁଜୁ ହୋଇଛି। ଦୁଷ୍ମନ୍ତ ପ୍ରାତଃ ଭ୍ରମଣରେ ଶଙ୍ଖପୁରରୁ ଘରକୁ ଫେରୁଥିବାବେଳେ ଦୁର୍ଘଟଣା ଘଟିଥିଲା। ଏ ନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଛି।

### ୧୦ ଏକର ଫସଲ ନଷ୍ଟ କଲେ ହାତୀପଲ



ଛେଣ୍ଡିପଦା,୨୦।୧୦(ଡି.ଏନ.ଏ.)-ଜରପଡା ରେଞ୍ଜ ହାଣ୍ଡିଗୋଡା ଜାମୁନାଲୀ ଅଞ୍ଚଳରେ ୨ ଦିନ ହେଲା ହାତୀପଲ ଉପଦ୍ରବ ଚଳାଇଛନ୍ତି। ଗତ ଗୁରୁବାର ଏବଂ ଶୁକ୍ରବାର ରାତିରେ ୭ ହାତୀ ରଙ୍ଗିଆନାଳ ଅଞ୍ଚଳରେ ପଶି ଧାନ ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରିଛନ୍ତି। ଜାମୁନାଲୀ ଗ୍ରାମର ଚାଷୀ କାଳିଆ ବୋହିତା,ପରିକ୍ଷିତ ବେହେରା, ଗୋବିନ୍ଦ ବେହେରା, ସଞ୍ଜୟ ନାୟକ, ମୁଲିଆ ବେହେରା, ବଟକୃଷ୍ଣ ବେହେରାଙ୍କ ପ୍ରାୟ ୧୦ ଏକରରୁ ଉର୍ଦ୍ଧ୍ୱ ଫସଲ ନଷ୍ଟ କରିଥିବା ସେମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ବନବିଭାଗ ହାତୀପଲଙ୍କୁ ଘଉଡ଼ାଇବା ସହ କ୍ଷତିପୂରଣ ଯୋଗାଇବାକୁ ଚାଷୀମାନେ ଦାବି କରିଛନ୍ତି।

### ୪ ଜୁଆଡ଼ି ଗିରଫ, ୮୭ ହଜାର ଜବତ

ତାଳଚେର,୨୦।୧୦ (ନି.ପ୍ର.)- କଲିଆରୀ ପୋଲିସ ବୁଧବାର ରାତିରେ ସେଣ୍ଟ୍ରାଲ କଲୋନୀ ନିକଟସ୍ଥ ଜଙ୍ଗଲରେ ଚଢ଼ାଉ କରି ୪ ଜୁଆଡ଼ିଙ୍କୁ ଗିରଫ କରିଛି। ସେମାନେ ହେଲେ ହେମନ୍ତ କୁମାର ପ୍ରଧାନ, ଶରତ ମୁଖୀ, ସଂଗ୍ରାମ ସାହୁ ଏବଂ ଅନ୍ୟ ଜଣେ(ପରିଚୟ ଜଣାପଡି ନାହିଁ)। ସେମାନଙ୍କଠାରୁ ୮୭ ହଜାର ୩୦୦ ଟଙ୍କା ଜବତ କରାଯାଇଛି। ଏ ନେଇ ଥାନାରେ ନଂ. ୩୦୧/୧୮ରେ ଏକ ମାମଲା ରୁଜୁ କରାଯିବା ସହ ଗୁରୁବାର ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି।

■ବାରମ୍ବାର ଗୁହାରି ସତ୍ତ୍ୱେ ନିର୍ମାଣ ହେଲାନି ବ୍ରିଜ

# କାନ୍ଧରେ ବୋହି ଗୁରୁତରଙ୍କୁ ନାଳ ପାରି କରାଇଲେ



ଗୁରୁତରଙ୍କୁ ଲୋକେ ଟେକି ନାଳ ଭିତରେ ପଶୁଛନ୍ତି।



ନାଳ ଆରପଟେ ଆମ୍ବୁଲାନ୍ସ ଅପେକ୍ଷା କରି ଛିଡା ହୋଇଛି।

ବଇଣ୍ଡା,୨୦।୧୦(ଡି.ଏନ.ଏ.)

ପୋଲଟିଏ ପାଇଁ ବ୍ଲକଠାରୁ ଆରମ୍ଭ କରି ଜିଲା ପ୍ରଶାସନ ନିକଟରେ ଗୁହାରି କରିଥିଲେ ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ପଞ୍ଚାୟତ ହତାଶିମିଳି ଗ୍ରାମବାସୀ। ପୋଲ ନ ଥିବାରୁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ଶନିବାର ଜଣେ ବିଦ୍ୟୁତ୍ ଆଘାତରେ ଗୁରୁତରଙ୍କୁ ଡାକ୍ତରଖାନା ନେବାକୁ ପରିବାର ସମେତ ଗ୍ରାମବାସୀଙ୍କୁ ହନ୍ତସନ୍ତ ହେବାକୁ ପଡିଛି। ଗ୍ରାମ ମଧ୍ୟକୁ ଆମ୍ବୁଲାନ୍ସ ଯାଇ ନ ପାରିବାରୁ ଗୁରୁତରଙ୍କୁ ଲୋକେ କାନ୍ଧରେ ବୋହି ନାଳ ପାରି କରି ଆଣିଥିବା ଦେଖିବାକୁ ମିଳିଛି। ଏ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ଦେଖିବାକୁ ମିଳିଛି।

ଘଟଣାରୁ ଜଣାପଡ଼ିଛି, ହତାଶିମିଳି ଗ୍ରାମର ଭରତ ଦେହୁରୀ ନିକଟସ୍ଥ ବିଲକୁ ଚାଷ କାର୍ଯ୍ୟ କରିବାକୁ ଯାଇଥିଲେ। ସେଠାରେ ସେ କୌଣସି ପ୍ରକାରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ପରେ ତାଙ୍କୁ ଗ୍ରାମବାସୀ ତୁରନ୍ତ ଉଦ୍ଧାର କରି ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସକୁ ସୂଚନା ଦେଇଥିଲେ। ଖବରପାଇ ଆମ୍ବୁଲାନ୍ସ ଆସିଥିଲେ ମଧ୍ୟ ରାସ୍ତା ନ ଥିବାରୁ ଗ୍ରାମଠାରୁ ଅଧ କିମି ଦୂରରେ ଥିବା ଏକ ନାଳ ନିକଟରେ ଅଟକି ରହିଥିଲା। ଲୋକେ କିଛି ଉପାୟ ନ ପାଇ ଶେଷରେ ଭରତଙ୍କୁ କାନ୍ଧରେ ବୋହି ନାଳ ପାରି ହୋଇ ଆମ୍ବୁଲାନ୍ସକୁ ଆଣିଥିଲେ। ତାଙ୍କୁ ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଠାକୁରଗଡ଼ରୁ ହତାଶିମିଳି ଗ୍ରାମକୁ ଯିବାପାଇଁ ଥିବା ଉକ୍ତ ନାଳ ଉପରେ ପୋଲ ନିର୍ମାଣ କରାଯିବା ସହ ପକ୍କା ରାସ୍ତା ନିର୍ମାଣ କରିବା ପାଇଁ ବହୁବାର ଜିଲା ପ୍ରଶାସନକୁ ଅବଗତ କରାଯାଇଛି। ହେଲେ ଏ ଯାଏ କୌଣସି ସୁଫଳ ମିଳିପାରି ନାହିଁ। ନାଳ ଉପରେ ପୋଲଟିଏ ନ ଥିବାରୁ ଗ୍ରାମବାସୀ ବଡ ହଇରାଣ ହେଉଛନ୍ତି। ବର୍ଷା ହେଲେ ନାଳରେ ପାଣି ଭର୍ତ୍ତି ହୋଇଯାଉଛି। ଫଳରେ ଯାତାୟାତ କରିବା ଆହୁରି କଷ୍ଟକର ହୋଇପଡୁଛି। ଜରୁରିକାଳୀନ ସ୍ଥିତିରେ ଗାଡ଼ି ଗ୍ରାମ ମଧ୍ୟରୁ ଆସିପାରୁ ନ ଥିବାରୁ ଲୋକେ ଅସୁବିଧା ଭୋଗୁଛନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦିଆଯାଇ ସେଠାରେ ପୋଲ ନିର୍ମାଣ କରା ନ ଗଲେ ଆଗକୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

### ବାଇକ୍-ଟ୍ରକ୍ ମୁହାଁମୁହିଁ, ୨ ଗୁରୁତର

ବଇଣ୍ଡା,୨୦।୧୦ (ଡି.ଏନ.ଏ.)

କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ହଣ୍ଡପା ଥାନା ଡେବେରାପାଲି ତେଲ ଟାଙ୍କି ନିକଟରେ ଗୁରୁବାର ଅପରାହ୍ନରେ ଏକ ଟ୍ରକ ଓ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୨ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ଉଭୟଙ୍କ ଘର ହଣ୍ଡପା ଥାନା ସାତପେରେଡ଼ିଆ ଗ୍ରାମରେ ବୋଲି ପୋଲିସ କହିଛି। ସ୍ଥାନୀୟବାସିନ୍ଦା ସେମାନଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। କ୍ଷତିପୂରଣ ଦାବିରେ ସ୍ଥାନୀୟବାସୀ ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବରପାଇ ହଣ୍ଡପା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ଏକ ବାଇକ(ନଂ.ଓଆର୦୫ ଡବ୍ଲ୍ୟୁ ୩୩୧୯)ରେ ଉଭୟେ ବଇଣ୍ଡାରୁ ସାତପେରେଡ଼ିଆ ଗ୍ରାମ ଅଭିମୁଖେ ଯାଉଥିବାବେଳେ ସମ୍ବଲପୁରରୁ ଅନୁଗୋଳ ଆସୁଥିବା ଟ୍ରକଟି ତାଙ୍କୁ ଧକ୍କା ଦେଇଥିବା ଜଣାପଡିଛି।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

ମାଧପୁର, ୨୦।୧୦

ଆଠମଲ୍ଲିକ ବ୍ଲକ ମାଧପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଶ୍ରୀମତୀ ସେଠୀ (୩୪)ଙ୍କ ଗୁରୁବାର ରାତିରେ ପରଲୋକ ହୋଇଛି। ସେ ୨୦୦୭ ରୁ ୨୦୧୨ ମାଧପୁର ପଞ୍ଚାୟତର ସରପଞ୍ଚ ଥିଲେ। ତାଙ୍କ ବିୟୋଗରେ ମାଧପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଗୋଷ୍ଠୀକେନ୍ଦ୍ର ଭୂମିପୂଜନ କଲେ ଏମ୍‌ପିଙ୍କ ପ୍ରତିନିଧି



ଏମ୍‌ପିଙ୍କ ପ୍ରତିନିଧିଙ୍କ ସହ ଦଳୀୟ କାର୍ଯ୍ୟକର୍ତ୍ତା ଓ ଉପସ୍ଥିତ ଜନସାଧାରଣ।

ଅନୁଗୋଳ ଅଫିସ,୨୦।୧୦

ଆମ ଗାଁ ଆମ ବିକାଶ ଯୋଜନାରେ ଢେଙ୍କାନାଳ-ଅନୁଗୋଳ ଏମ୍‌ପି ତଥାଗତ ସତପଥୀଙ୍କ ଜିଲା ପ୍ରତିନିଧି ଭକ୍ତି ପ୍ରସାଦ ଦାସ ଗୁରୁବାର ଅନୁଗୋଳ ବ୍ଲକ ନୂଆମୌଜା ପଞ୍ଚାୟତ ଶରଧାପୁର ପୀତାବଳିସାହି ଗୋଷ୍ଠୀକେନ୍ଦ୍ରର ଭୂମିପୂଜନ କରିଛନ୍ତି। ଏହି ଅବସରରେ ଏମ୍‌ପିଙ୍କ ପ୍ରତିନିଧି ଦାସ ଗ୍ରାମବାସୀଙ୍କ ସହ ଆଲୋଚନା କରି ବିଭିନ୍ନ ସମସ୍ୟା ବୁଝିଥିଲେ। ଏଥିସହ ସେମାନେ କିପରି ସରକାରୀ ଯୋଜନାରେ ଉପକୃତ ହୋଇପାରିବେ ସେ ଦିଗରେ ସଚେତନ କରାଇଥିଲେ। ଏହି ଅବସରରେ ଗ୍ରାମବାସୀ ସେମାନଙ୍କ ସମସ୍ୟା ନେଇ ଏମ୍‌ପିଙ୍କ ପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଆଲୋଚନା ସମୟରେ ଏମ୍‌ପିଙ୍କ ପ୍ରସ୍ତାବିତ ଜିଲା ଖଣିଜ ପାଣ୍ଠି ଅନୁଦାନରୁ ଶରଧାପୁର ଗ୍ରାମକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ, ଶରଧାପୁର ଜଙ୍ଗଲ ସାହିରେ ସୌର ଚାଳିତ ପାନୀୟ ଜଳ, ଗାଁ ମୁଖ୍ୟ ଛକ ନିକଟରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଅନୁମୋଦନ ହୋଇଥିବା ଦାସ ଲୋକଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ଯୁବନେତା ମାନସ ରଞ୍ଜନ ଦେହୁରୀ, ଗାଁ ସଭାପତି ହୃଦାନନ୍ଦ ସାହୁ, ଉପସଭାପତି ପ୍ରତାପ ସ୍ୱାଇଁ, ଗୋପାଳ ସମାଜ ସଭାପତି ନକୁଳ ବେହେରା, ପ୍ରଦୀପ ପ୍ରଧାନ, ଅଜୟ ସାହୁ, ନୂଆମୌଜା ବିଜୁ ଯୁବ ବାହିନୀ ସଭାପତି କେଦାର ପ୍ରଧାନ, କୋଷାଧ୍ୟକ୍ଷ ଜିତେନ୍ଦ୍ର ନାୟକ, ଦେବେନ୍ଦ୍ର ସାହୁ, ତ୍ରିଲୋଚନ ସାହୁ, ଗୋକୁଳ ସାହୁ, ରମେଶ ଚନ୍ଦ୍ର ସ୍ୱାଇଁ, ସୁମନ୍ତ ଦେହୁରୀଙ୍କ ସମେତ ମହାଦୀପ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଭୋଳାଶଙ୍କର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଜଗନ୍ନାଥ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ଯୋଗ ଦେଇଥିଲେ।

## ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି

ତାଳଚେର,୨୦।୧୦(ନି.ପ୍ର)

ତାଳଚେର ବ୍ଲକ କମଳଛୁଇଁ ଗ୍ରାମରେ ଗଜଲକ୍ଷ୍ମୀଙ୍କ ପୂଜା ପାଇଁ କେନ୍ଦ୍ରୀୟ ଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ବସିଥିଲା। କମିଟି ସଭାପତି ଗଗନ ବିହାରୀ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଚଳିତ ବର୍ଷ ପୂଜାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରାଯିବା ନେଇ ବୈଠକରେ ଆଲୋଚନା କରାଯାଇଥିଲା। ଅକ୍ଟୋବର ୨୫ରୁ ୯ଦିନ ବ୍ୟାପୀ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେବ। ନଭେମ୍ବର ୨ରେ ଭସାଣି ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତି ନିଆଯାଇଥିଲା। ଏଥିରେ ୧୭ଟି ପୂଜାମଣ୍ଡପର ସଭାପତି, ସମ୍ପାଦକ, ଶାନ୍ତି କମିଟିର ସଦସ୍ୟଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ସମ୍ପାଦକ ହରେଶ ପ୍ରଧାନ ଧନ୍ୟବାଦ ଦେଇଥିଲେ।

■ବେଆଇନ ସର୍ଭେ ଅଭିଯୋଗ

# କମ୍ପାନୀ କର୍ମଚାରୀଙ୍କୁ ଘେରାଉ

ଛେଣ୍ଡିପଦା,୨୦।୧୦(ଡି.ଏନ.ଏ.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଶିମିଳିପାଳ ପଞ୍ଚାୟତରେ ଶୁକ୍ରବାର ଏକ ଘରୋଇ କମ୍ପାନୀ ବେଆଇନ ଭାବେ ସର୍ଭେ କାମ କରୁଥିବା ଅଭିଯୋଗ କରି ଅଞ୍ଚଳବାସୀ ଉକ୍ତ କମ୍ପାନୀ କର୍ମଚାରୀଙ୍କୁ ଶୁକ୍ରବାର ଘେରାଉ କରିଥିଲେ। ଏ ନେଇ ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଅଞ୍ଚଳବାସୀଙ୍କ ଅଭିଯୋଗ ମୁତାବକ, ଏକ ସ୍କର୍ପିଓ (ନଂ. ଓଡି ୩୩ ଏନ ୮୦୬୩) ରେ ଅତ୍ୟାଧୁନିକ ଟେକ୍ନୋଲୋଜି ବିଶିଷ୍ଟ ଜିପିଏସ୍ ମେଶିନ ସହ କ୍ୟାମେରା ଖଞ୍ଜା ଯାଇ ୩ ଜଣ କର୍ମଚାରୀ ଗାଁ ଗାଁ ବୁଲି ସର୍ଭେ କାର୍ଯ୍ୟ କରୁଥିଲେ। ଏ ନେଇ ଗ୍ରାମବାସୀ ସନ୍ଦେହ କରି ପଚାରିବାରୁ ସର୍ଭେ ସମ୍ବନ୍ଧୀୟ କୌଣସି କାଗଜପତ୍ର ସେମାନେ ଦେଖାଇପାରି ନ ଥିଲେ। ପରେ ଲୋକେ ଉତ୍ତ୍ୟକ୍ତ ହୋଇ ସର୍ଭେ କାର୍ଯ୍ୟକୁ ଲୋକେ ବିରୋଧ କରିବା ସହ ଗାଡ଼ି ଓ କମ୍ପାନୀ କର୍ମଚାରୀଙ୍କୁ ଘେରାଉ କରିଥିଲେ। ତୁରନ୍ତ ସର୍ଭେ କାମ ବନ୍ଦ କରି ସେଠାରୁ ଚାଲିଯିବାକୁ ଗ୍ରାମବାସୀ କହିବା ପରେ କର୍ମଚାରୀମାନେ ସେଠାରୁ ପଳାଇଯାଇଥିବା ଜଣାପଡିଛି।

# ସନ୍ତୋଷ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ଅତିଥିଙ୍କ ସହ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା ଖେଳାଳିମାନେ।

ବଇଣ୍ଡା,୨୦।୧୦(ଡି.ଏନ.ଏ.)

କିଶୋରନଗର ବ୍ଲକ ହିମିତିରା ଗ୍ରାମ ଖେଳ ପଡ଼ିଆଠାରେ ଶନିବାର ସନ୍ତୋଷ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ କିଶୋରନଗର ବିଡିଓ ଅମୃତା ପ୍ରିୟମ୍ବଦା ଯୋଗଦେଇ ଖେଳ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ କୃପାସିନ୍ଧୁ ପ୍ରଧାନ, ହିମିତିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ନାୟକ, କିଶୋରନଗର କଲେଜ ଅଧ୍ୟାପକ ତରଣୀସେନ ସାହୁ, ହିମିତିରା ହାଇସ୍କୁଲ ଶିକ୍ଷକ କିଶୋରଚନ୍ଦ୍ର ବିଶ୍ୱାଳ, ବିନାୟକ ଦେହୁରୀ, ବିରଳା ପ୍ରଧାନ, ରଙ୍ଗାଧର ମହାନ୍ତି, ଧୀରେନ ପ୍ରଧାନ, ସରୋଜ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ୪ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚରେ ପତକାକୁ ହରାଇ ବୌଦ୍ଧ ବିଜୟୀ ହୋଇଥିବାବେଳେ ୨ୟ ମ୍ୟାଚରେ ହିମିତିରାକୁ ହରାଇ ନାଲକୋ ବିଜୟୀ ହୋଇଛି। ୩ୟ ମ୍ୟାଚରେ ସୋନପୁରକୁ ହରାଇ ଆଠମଲ୍ଲିକ ବିଜୟୀ ହୋଇଛି। ସେହିପରି ୪ର୍ଥ ମ୍ୟାଚରେ ରେଢାଖୋଲକୁ ହରାଇ ସମ୍ବଲପୁର ବିଜୟୀ ହୋଇଥିଲା। ଦିଲୀପ କୁମାର ରାଉତ, ସଲୀଳ ବେହେରା, ଶାଶ୍ୱତ ପଣ୍ଡା ପ୍ରମୁଖ ଖେଳ ପରିଚାଳନା କରିଥିଲେ।


## ସମ୍ବଲପୁରୀ ବସ୍ତ୍ରାଳୟ

SBC

ମହାଳୟା, ଦଶହରା ଓ କୁମାର ପୂର୍ଣ୍ଣିମା
ଉପଲକ୍ଷେ ସମିତିର ଅଗଣିତ ଗ୍ରାହକ ଓ ପୃଷ୍ଠପୋଷକଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ



ବିଶେଷ ସରକାରୀ ରିହାତି
10%+20%
ଅବଧି ତା୦୪।୧୦।୨୦୧୮ ରୁ ତା୨୪।୧୦।୨୦୧୮ ପର୍ଯ୍ୟନ୍ତ

ନୂତନ ବସ୍ତ୍ରର ସମ୍ଭାର
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ି, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡଶିଟ୍, ସୁଟ୍ ସେଟ୍
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର କେବଳ ଅନ୍‌ଲାଇନ୍ ମାଧ୍ୟମରେ ବିକ୍ରୟ କରୁଥିବା ସମସ୍ତ ବିକ୍ରୟ କେନ୍ଦ୍ର ଓ ବିକ୍ରୟ ପ୍ରତିନିଧିଙ୍କଠାରେ ଉପଲବ୍ଧ ଅଟେ।


## ପରିବହନ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡ଼ିଶା, କଟକ

### ଗାଡି ମାଲିକମାନଙ୍କ ନିମନ୍ତେ ବିଶେଷ ସୂଚନା

ସମ୍ବାଦ, ସମାଜ ଏବଂ ଧରିତ୍ରୀ ଖବରକାଗଜରେ ତା-୦୨.୧୦.୨୦୧୮ ରିଖରେ ପ୍ରକାଶିତ ହୋଇଥିବା ବିଜ୍ଞାପନ ଅନୁଯାୟୀ ନୂତନ ପରମିଟ୍ ପ୍ରାପ୍ତି ନିମନ୍ତେ ଦାଖଲ ହୋଇଥିବା ଦରଖାସ୍ତଗୁଡିକୁ ତା୨୨.୧୦.୨୦୧୮, ୨୩.୧୦.୨୦୧୮, ୨୫.୧୦.୨୦୧୮, ୨୬.୧୦.୨୦୧୮ ଏବଂ ୨୭.୧୦.୨୦୧୮ ରିଖ ଦିନ ଶୁଣାଣି ହେବାକୁ ଧାର୍ଯ୍ୟ ହୋଇଥିଲା । ଅନିବାର୍ଯ୍ୟ କାରଣବଶତଃ ପରମିଟ୍ କମିଟି ବୈଠକ ଉପରୋକ୍ତ ତାରିଖ ପରିବର୍ତ୍ତେ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ । ଆବେଦନକାରୀ ଗାଡ଼ି ମାଲିକ ତଥା ପ୍ରତିପକ୍ଷ ଦରଖାସ୍ତକାରୀମାନେ ଉକ୍ତ ତାରିଖ ଓ ସମୟରେ ନିଜେ କିମ୍ବା ପ୍ରାଧିକୃତ ବ୍ୟକ୍ତିଙ୍କ ଜରିଆରେ ହାଜର ହୋଇ ଆବଶ୍ୟକ କାଗଜାତ ଦାଖଲ କରି ନିଜର ପକ୍ଷ ରଖିପାରିବେ ।

| କ୍ରମିକ ସଂଖ୍ୟା | ପୂର୍ବ ତାରିଖ | ପରିବର୍ତ୍ତିତ ତାରିଖ | ସମୟ |
|---|---|---|---|
| ୧ରୁ ୬୦ | ୨୨.୧୦.୨୦୧୮ | ୧୨.୧୧.୨୦୧୮ | ପୂର୍ବାହ୍ନ ୧୧ଘଟିକା |
| ୬୧ରୁ ୧୨୦ | ୨୩.୧୦.୨୦୧୮ | ୧୩.୧୧.୨୦୧୮ | |
| ୧୨୧ରୁ ୧୮୦ | ୨୫.୧୦.୨୦୧୮ | ୧୪.୧୧.୨୦୧୮ | |
| ୧୮୧ରୁ ୨୪୦ | ୨୬.୧୦.୨୦୧୮ | ୧୫.୧୧.୨୦୧୮ | |
| ୨୪୧ରୁ ୩୦୦ | ୨୭.୧୦.୨୦୧୮ | ୧୬.୧୧.୨୦୧୮ | |
| ୩୦୧ରୁ ୩୨୩ | ୨୮.୧୦.୨୦୧୮ | ୧୭.୧୧.୨୦୧୮ | |

ସଚିବ
ରାଜ୍ୟ ପରିବହନ ପ୍ରାଧିକାରୀ
ଓଡ଼ିଶା, କଟକ




## ସଂକ୍ଷେପରେ

### ବସ୍ ଧକ୍କାରେ ଜଣେ ଗୁରୁତର

ବଅଁରପାଳ,୨୦।୧୦(ଡି.ଏନ.ଏ.)- ଅନୁଗୋଳ ଜିଲା ୫୫ ନଂ. ଜାତୀୟ ରାଜପଥର ସନ୍ତ୍ରୀ ଛକଠାରେ ଗୁରୁବାର ଅପରାହ୍ଣରେ ଏକ ବସ୍ ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କ ପରିଚୟ ଜଣାପଡ଼ିନାହିଁ। ସ୍ଥାନୀୟଲୋକେ ତାଙ୍କୁ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

### ଟ୍ରକ୍ ମାଲିକ ସଂଘ ଉପସଭାପତିଙ୍କ ପରଲୋକ

ବଅଁରପାଳ,୨୦।୧୦(ଡି.ଏନ.ଏ.)- ଅନୁଗୋଳ ଜିଲା ଟ୍ରକ୍ ମାଲିକ ସଂଘର ଉପସଭାପତି ନରେନ୍ଦ୍ର ପ୍ରଧାନଙ୍କ ଶୁକ୍ରବାର ପରଲୋକ ଘଟିଛି। ତାଙ୍କ ବିୟୋଗରେ ସଂଘ ସଭାପତି ବିଭୂତି ପ୍ରସାଦ ଦାସ, ସମ୍ପାଦକ ଅକ୍ଷୟ କୁମାର ସାମନ୍ତ, ନାଲକୋ ଟ୍ରକ ମାଲିକ ସଂଘର ସଭାପତି ରାଜୀବ ଜେନା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

### ରାଜ୍ୟସ୍ତରୀୟ ଟାଏକୋଣ୍ଡୋରେ ସଫଳତା

ଅନୁଗୋଳ ଅଫିସ,୨୦।୧୦- ଭଦ୍ରକ ଜିଲା ଚରମ୍ପାସ୍ଥିତ ମହାବୀର ଭବନ ଠାରେ ଅନୁଷ୍ଠିତ ୩୭ ତମ ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ଚାମ୍ପିୟନଶିପ୍‌ରେ ଅନୁଗୋଳ ଜିଲାର ବଅଁରପାଳ ଟାଇକୋଣ୍ଡୋ ଏକାଡେମୀ ପ୍ରତିଯୋଗୀ କୃତିତ୍ୱ ହାସଲ କରିଛନ୍ତି। ଜିଲା ଟାଏକୋଣ୍ଡୋ ଆସୋସିଏଶନ ସମ୍ପାଦକ ଦୁଷ୍ମନ୍ତ କୁମାର ନାଥ, ବଅଁରପାଳ ଟାଏକୋଣ୍ଡୋ ଏକାଡେମୀ ସଭାପତି କୃପାସିନ୍ଧୁ ପରିଡ଼ା, କୋଷାଧ୍ୟକ୍ଷ ସୁନିଲ କୁମାର ନାହାକ, ସମ୍ପାଦକ ପୀତାମ୍ବର ନାହାକଙ୍କ ତତ୍ତ୍ୱାବଧାନରେ ଦେବର୍ଚ୍ଚିତା ପାଣି, ସୁଶ୍ରୀ ସ୍ୱାଗତିକା ନାଏକ, ସୁଶ୍ରୀ ବୈଜୟନ୍ତୀ ନାଏକ, ଉଦିତାନସୁ ପରିଡ଼ା, ସୁମିତ ମାଝି, ଅରୁପାନନ୍ଦ ବେହେରା ପଦକ ହାସଲ କରିଛନ୍ତି। ଏହି ସଫଳତା ପାଇଁ ଏକାଡେମୀର ସମସ୍ତ ସଦସ୍ୟା, ସଦସ୍ୟ, ଜିଲା ଟାଇକୋଣ୍ଡୋ ଆସୋସିଏଶନ ସମ୍ପାଦକ ଓ ଓଡ଼ିଶା ଟାଏକୋଣ୍ଡୋ ସମ୍ପାଦକ ମନମୋହନ ଭଞ୍ଜ, ଭଦ୍ରକ ଜିଲା ଟାଇକୋଣ୍ଡୋ ସମ୍ପାଦକ ଚିନ୍ମୟ କୁମାର ବେହେରା, ବଅଁରପାଳ ଏକାଡେମୀର ବରିଷ୍ଠ ଉପଦେଷ୍ଟା ସତ୍ୟାନନ୍ଦ ସେନାପତି ଖୁସି ବ୍ୟକ୍ତ କରିଛନ୍ତି।

### କ୍ରୀଡ଼ା, ସାଂସ୍କୃତିକ ପ୍ରତିଯୋଗିତା ଉଦ୍‌ଘାଟିତ

ତାଳଚେର,୨୦।୧୦(ନି.ପ୍ର.)- ତାଳଚେର କିଶୋର କ୍ଲବର ୫୩ ତମ ଦଶହରା କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ହାଟତୋଟା କାଳୀମନ୍ଦିରଠାରୁ ମଶାଲକୁ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇ ସ୍ଥାନୀୟ ଷ୍ଟାଡିୟମକୁ ନିଆଯାଇଥିଲା। ଷ୍ଟାଡିୟମ ଠାରେ କ୍ରୀଡ଼ା ପତାକା ଉତ୍ତୋଳନ କରାଯାଇ ଖେଳର ଶୁଭାରମ୍ଭ କରାଯାଇ ଥିଲା। ରାଜ୍ୟସଭ ପୂର୍ବତନ ସଦସ୍ୟ ରୁଦ୍ର ନାରାୟଣ ପାଣି, ଲିଙ୍ଗରାଜ କ୍ଷେତ୍ରର ମହାପ୍ରବନ୍ଧକ ଆର.ବି. ରିଙ୍ଗେ, ନାଲ୍‌କୋର ଅବସର ପ୍ରାପ୍ତ ଅଧିକାରୀ ଶରତ ଚନ୍ଦ୍ର ମିଶ୍ର, ପେସ୍କାର ଗଡନାୟକ, ଧୀରେନ ଶତପଥୀ, ରଶ୍ମୀରଞ୍ଜନ ମିଶ୍ର, ପ୍ରକାଶ ମହାରଣା ଉପସ୍ଥିତ ଥିଲେ।

### ଚୋରି ଅଭିଯୁକ୍ତ ଅଟକ

ବଅଁରପାଳ,୨୦।୧୦(ଡି.ଏନ.ଏ.)- ବଅଁରପାଳ ବଜାରର ଏକ ପାନ ଦୋକାନରୁ ଚୋରି କରୁଥିବା ସମୟରେ ଜଣେ ଯୁବକଙ୍କୁ କାବୁ କରିଛନ୍ତି ଦୋକାନୀ। ପରେ ଦୋକାନୀ ଜଣଙ୍କ ତାଙ୍କୁ ପୋଲିସରେ ହସ୍ତାନ୍ତର କରିଛନ୍ତି। ପୋଲିସ ତାଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି।

### ଚୋରା କାଠ ଜବତ, ଜଣେ ଗିରଫ

ପାଲଲହଡା,୨୦।୧୦(ଡି.ଏନ.ଏ.)- ପାଲଲହଡ଼ା ବନବିଭାଗ ପକ୍ଷରୁ ଶୁକ୍ରବାର ରାତିରେ ଚଢାଉ କରାଯାଇ ପାଟବେଡା ଗ୍ରାମର ଲଛମନ କାଡାଙ୍କଠାରୁ ୩୬ ଖଣ୍ଡ ଚୋରା କାଠ ଜବତ କରାଯାଇଛି। ଏଥିସହ ତାଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଲଛମନ ବାଇକ(ଓଡି୩୫-୪୨୧୨) ଯୋଗେ ଇଶ୍ୱରନଗର ପଞ୍ଚାୟତ ସମଳ ଗୋଡାପଦା ଗ୍ରାମରୁ କାଠ ଆଣି ପାଲଲହଡା ଅଭିମୁଖେ ଆସୁଥିବାବେଳେ ଖବରପାଇ ପାଲଲହଡା ବନବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଚଢାଉ କରି ତାଙ୍କୁ କେରେଜେଙ୍ଗା ସ୍କୁଲ ନିକଟରୁ କାବୁ କରିଥିଲେ। ଚଢାଉରେ ପାଲଲହଡା ବନବିଭାଗ ଅଧିକାରୀ ଭାରତୀ କପରଦାର, ମନ୍ମଥ ବେହେରା, ଫରେଷ୍ଟ ଗାର୍ଡ ଅଶୋକ କୁମାର ପାନେ, ହୋଲି ବେହେରା ପ୍ରମୁଖ ସାମିଲ ଥିଲେ।

# ବିଦାୟ ନେଲେ ମା' ଦଶଭୂଜା



ଛେଣ୍ଡିପଦା ବ୍ଲକ ଖମାର ଗ୍ରାମରେ ପାଇକ ପୁଅମାନେ ବିଭିନ୍ନ କଳା ପ୍ରଦର୍ଶନ କରୁଛନ୍ତି।



ବଅଁରପାଳ ବ୍ଲକ ବୁଢାପଙ୍କ ଅଞ୍ଚଳରେ ଅତିଥିଙ୍କ ସହ ପାଇକମାନେ।

### ପାଇକ ଖେଳ ଦେଖିବାକୁ ଭିଡ଼

ଛେଣ୍ଡିପଦା,୨୦।୧୦(ସ୍ୱ.ପ୍ର./ଡି.ଏନ.ଏ.)

ଛେଣ୍ଡିପଦା ବ୍ଲକ ବରସାହି ପଞ୍ଚାୟତ ଖମାର ଗ୍ରାମରେ ଦଶହରା ପର୍ବ ପାଳିତ ହୋଇଛି। ଏହି ଅବସରରେ ଗ୍ରାମର ପାଇକ ପୁଅମାନେ ଗ୍ରାମ୍ୟ ଦେବୀ ମା' ଝାରୀବୁଢିଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। ପରେ ମା'ଙ୍କୁ ସାଙ୍ଗରେ ଧରି ପାଇକ ବେଶରେ ଗ୍ରାମ ପରିକ୍ରମା କରି ଦଶହରା ପଡିଆରେ ପହଞ୍ଚିଥିଲେ। ଏହି ସମୟରେ ସେମାନେ ବିଭିନ୍ନ ଅସ୍ତ୍ରଶସ୍ତ୍ର ଧରି ନିଜର କଳା ପ୍ରଦର୍ଶନ କରିଥିଲେ। ଏହାକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳର ବହୁ ଜନସାଧାରଣଙ୍କ ଭିଡ଼ ଜମିଥିଲା। ସେହିପର ବାଗଡିଆ ଗ୍ରାମରେ ମା'ଙ୍କ ପୂଜା ଓ ଭସାଣି ଉତ୍ସବ ପାଳିତ ହୋଇଯାଇଛି। ଯଥାରୀତି ପୂଜା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସେହିପରି ବ୍ଲକ ସଦରମହକୁମାର ଥାନା ଛକ ଓ ବ୍ଲକ ଛକ, ଜରପଡା ହାଟପଦାଠାରେ ଦଶହରା ମହୋତ୍ସବ ପାଳିତ ହୋଇଛି। ଏହି ଉପଲକ୍ଷେ କଳାକାରମାନେ ରାମ, ସୀତା, ଲକ୍ଷ୍ମଣ, ହନୁମାନ, ଜାମ୍ବବାନ, ବାଳି ସୁଗ୍ରୀବ, ଅଙ୍ଗଦ, ରାବଣ ବେଶରେ ସଜିତ ହୋଇଥିଲେ। ପରେ ମା'ଙ୍କ ପ୍ରତିମାକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ଏହାସହ ଆଙ୍ଗା ଲଡୁ ନିଲାମ ହୋଇଥିଲା। ଶେଷରେ ରାବଣପୋଡି ଉତ୍ସବ ଆୟୋଜନ କରାଯାଇଥିଲା।

### ମନମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ

ପାଲଲହଡା ସଦର ମହକୁମା ନୂଆ ବସ୍‌ଷ୍ଟାଣ୍ଡ ସ୍ଥିତ ମା'ଦୁର୍ଗା ଡ୍ରାଇଭର ସଂଘ ପକ୍ଷରୁ ଦୁର୍ଗାପୂଜା ପାଳିତ ହୋଇଛି। ଶୁକ୍ରବାର ପାଲଲହଡା ଷ୍ଟାଡିୟମଠାରେ ରାବଣ ପୋଡି ଅନୁଷ୍ଠିତ ହୋଇଥିଲା। ପ୍ରତିଦିନ କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକଙ୍କ ମନୋରଞ୍ଜନ କରିଥିଲା। ଶନିବାର ସନ୍ଧ୍ୟାରେ ଶାନ୍ତି ଶୃଙ୍ଖଳାର ସହ ମା'ଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା।

### ଆକର୍ଷଣ ସାଜିଲା ବାଦଦଣ୍ଡ

ବନ୍ତଳା,୨୦।୧୦(ଡି.ଏନ.ଏ.)- ଅନଗୋଳ ଜିଲା ବନ୍ତଳା ଛକ କନକ ଦୁର୍ଗା ପୂଜା କମିଟି ତରଫରୁ ମା' ଦୁର୍ଗାଙ୍କ ଶାରଦୀୟ ପୂଜା ଉତ୍ସବ ପାଳିତ ହୋଇଛି। ୩ ଦିନ ଧରି ବାଦ ଦଣ୍ଡ ପ୍ରତିଯୋଗିତା ହୋଇଥିଲା। ଆଇନଜୀବୀ ସଙ୍ଗପୁରର ସନ୍ତୋଷ ନାଏକ ଏଥିରେ ଯୋଗ ଦେଇଥିଲେ। ଶନିବାର ଅପରାହ୍ଣରେ ମା'ଙ୍କୁ ବିଦାୟ ଦିଆଯାଇଛି। ବିଭିନ୍ନ ବାଦ୍ୟ ବାଜଣାରେ ମା'ଙ୍କୁ ବିଭିନ୍ନ ଗ୍ରାମ ପରିକ୍ରମା କରାଯାଇ ବଉଳି ନାଳରେ ବିସର୍ଜନ କରାଯାଇଥିଲା। କମିଟିର ସଭାପତି ହୃଦାନନ୍ଦ ସାହୁଙ୍କ ନେତୃତ୍ୱରେ ସମସ୍ତ ଦୋକାନୀ ସହଯୋଗ କରିଥିଲେ।

### ଦଶହରା ଉପଲକ୍ଷେ କ୍ରୀଡ଼ା ପ୍ରତିଯୋଗିତା

କଣିହାଁ,୨୦।୧୦(ଡି.ଏନ.ଏ.)- କଣିହାଁ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରେ ଶୁକ୍ରବାର ଦୁର୍ଗାପୂଜା ବିଜୟାଦଶମୀ ଉପଲକ୍ଷେ ଦଶହରା ଉତ୍ସବ ପାଳିତ ହୋଇଥିଲା। ଜମାନିଆ, ସାନକାକୁଡ଼ିଆ ବଜ୍ରକୋଟ କୁଲେଇ ସମେତ ଅନ୍ୟାନ୍ୟ ସ୍ଥାନରେ ପାଇକ ରଣ କୌଶଳ, ସହିତ ଗ୍ରାମାଞ୍ଚଳରେ ଲୋକାୟିତ କଳାକୁ ନେଇ ଖେଳଖୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ସରପଞ୍ଚ ସୁମିତ୍ରା ଦାସ, ସମିତି ସଭ୍ୟ ଜତୀନ୍ଦ୍ର ସାହୁ, ଶିକ୍ଷାବିତ ପ୍ୟାରୀମୋହନ ସାମଲ, ମାୟାଧର ସାମଲ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଉଦଯାପନୀ ଉତ୍ସବରେ ପାଲଲହଡ଼ା ବିଧାୟକ ମହେଶ ସାହୁ ଅତିଥି ଭାବେ ଯୋଗଦେଇ କ୍ଷତ୍ରୀୟ କଳା ପ୍ରଦର୍ଶନ ସହିତ ଅନ୍ୟାନ୍ୟ ପ୍ରତିଭାଧାରୀଙ୍କୁ ପୁରସ୍କୃତ କରିଥିଲେ। ଗ୍ରାମ ସଭାପତି ଜଳଧର ବେହେରା,ଦଶରା କମିଟି ସଭାପତି ହୃଷୀକେଶ ସାମଲ ଅଧ୍ୟକ୍ଷତା କରିଥିଲେ। ପୁରୁଷୋତ୍ତମ ବେହେରା, ଲମ୍ବୋଦର ବେହେରା ମଞ୍ଚ ପରିଚାଳନା କରିଥିଲେ। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏନ୍‌ଟିପିସି ଓ ବଜ୍ରକୋଟ ଗ୍ରାମରେ ରାବଣ ପୋଡି ଉତ୍ସବ ଅନୁଷ୍ଠିତ ହୋଇଥିଲା।



ବନ୍ତଳାରେ ମା'ଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।



ପାଲଲହଡ଼ାରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି

### ନାଲକୋ ନଗରରେ ରାବଣ ପୋଡି

ବଅଁରପାଳ,୨୦।୧୦(ଡି.ଏନ.ଏ.)- ନାଲକୋ ଦୁର୍ଗାପୂଜା କମିଟି ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ଏକ ରାବଣ ପୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ନରସିଂହ ଭୋଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ନାଲକୋ ଇଡି ରାଜକିଶୋର ମିଶ୍ର, ନାଲକୋ ମାନବ ସମ୍ବଳ ମହାପ୍ରବନ୍ଧକ ଏସ୍‌ଏନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।ପୂଜାକମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ସେହିପରି ନାଲ୍‌କୋ ନଗରରେ ଶନିବାର ମା'ଦୁର୍ଗାଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ପୂଜା କମିଟି ସଭାପତି ମଣି ପଟ୍ଟନାୟକ, ସମ୍ପାଦକ ବି. ଆର ପଟ୍ଟନାୟକ, ଉପସଭାପତି ହରେକୃଷ୍ଣ ନାଥ, ସରୋଜ ସାହୁ, ଦୀପକ ସାମଲ, ଦୀପକ ସ୍ୱାଇଁ, ବଳରାମ ପ୍ରଧାନ, ସଞ୍ଜୟ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ବ୍ଲକର ବଳରାମ ପ୍ରସାଦ, ନୂଆ ହତା, ଗଡ଼ସନ୍ତ୍ରୀ, ତଳମୂଳ ଆଦି ସ୍ଥାନରେ ଏହି ପର୍ବ ପାଳିତ ହୋଇଥିଲା।

# ପଦଯାତ୍ରା, ପ୍ରକଳ୍ପ ଶିଳାନ୍ୟାସ

ଛେଣ୍ଡିପଦା,୨୦।୧୦(ଡି.ଏନ.ଏ.)

ଛେଣ୍ଡିପଦା ବ୍ଲକ ବିଜେଡି ପକ୍ଷରୁ ଗୁରୁବାର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ସୁଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ଆୟୋଜିତ ଏହି ପଦଯାତ୍ରା ଜରପଡା, ଡୁକୁଡା, ପରା, ଓଗୀ ପଞ୍ଚାୟତର ସମସ୍ତ ଗ୍ରାମ ପରିକ୍ରମା କରିଥିଲା। ଓଗୀଠାରେ ଏକ ସାଧାରଣ ସଭା ହୋଇଥିଲା। ବ୍ଲକ ବିଜେଡି ସଭାପତି ଶ୍ରୀଧର ଗଡନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ବରିଷ୍ଠ ନେତା ପ୍ରଦୀପ କୁମାର ସାହୁ, ଜିଲା ବିଜେଡି ଯୁବ ସଭାପତି ଦୀନେଶ କୁମାର ପ୍ରଧାନ, ବ୍ଲକ ଯୁବ ସଭାପତି ରାକେଶ ନାଥ, ଛାତ୍ର ସଙ୍ଗଠନ ସଭାପତି ସତ୍ୟବ୍ରତ ଦେହୁରୀ, ହେମନ୍ତ କୁମାର ସାହୁ, ପଞ୍ଚୁନାଥ ପ୍ରଧାନ, ସନ୍ତୋଷ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପରା ମାଳିସାହିଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଯୁବନେତା ବାଲିଆ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହି ସଭାରେ ବରିଷ୍ଠ ନେତା ବେଣୁଧର ପ୍ରଧାନ, ଯୁବନେତା ଲମ୍ବୋଦର ପ୍ରଧାନ, ଅନିରୁଦ୍ଧ ସାହୁ, ପ୍ରକାଶ ଚନ୍ଦ୍ର ସାହୁ, ସନାତନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଓଗୀ ପଞ୍ଚାୟତର କେତେକ କଂଗ୍ରେସ କର୍ମୀ ବିଜେଡିରେ ମିଶିଥିଲେ। ଅପରପକ୍ଷରେ ଜରପଡା, ପରା, ଓଗୀ ପଞ୍ଚାୟତଠାରେ ଆମ ଗାଁ ଆମ ବିକାଶ ଯୋଜନାରେ ବିଧାୟକ ସୁଶାନ୍ତ କୁମାର ବେହେରା କମ୍ୟୁନିଟି ସେଣ୍ଟରର ଶିଳାନ୍ୟାସ କରିଥିଲେ।



ଜନସମ୍ପର୍କ ପଦଯାତ୍ରାରେ ବିଧାୟକଙ୍କ ସହ ଦଳୀୟ କର୍ମୀମାନେ।

# ଭୂମିପୂଜନ ପୂର୍ବରୁ ଫଳକ ଭାଙ୍ଗିଦେଲେ

ଅନୁଗୋଳ ଅଫିସ,୨୦।୧୦

ଅନୁଗୋଳ ବ୍ଲକ ରନ୍ତଲେଇ ପଞ୍ଚାୟତ ଚନ୍ଦ୍ରବାହଳ ଗ୍ରାମ ଯାତ୍ରା ପଡ଼ିଆରେ ଭୂମିପୂଜନ ହେବାକୁ ଥିବା ଏକ ଗୋଷ୍ଠୀକେନ୍ଦ୍ର ଫଳକକୁ ଶୁକ୍ରବାର ରାତିରେ କେହି ଭାଙ୍ଗି ଦେଇଥିବା ଜଣାପଡିଛି। ଶନିବାର ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ ଜନସମ୍ପର୍କ ପଦଯାତ୍ରାରେ ଯାଇ ଆମ ଗାଁ ଆମ ବିକାଶ ଯୋଜନାରେ ଗୋଷ୍ଠୀକେନ୍ଦ୍ର ସହ ଅନ୍ୟାନ୍ୟ ପ୍ରକଳ୍ପ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଥିଲା। ତେବେ ସେଠାରେ ଫଳକ ଭାଙ୍ଗି ଯାଇଥିବାରୁ ତୁରନ୍ତ ଦଳୀୟ କର୍ମୀମାନେ ଆଉ ଏକ ଫଳକ ନିର୍ମାଣ କରିଥିଲେ। ବିଧାୟକ ସିଂ ପହଞ୍ଚି ଏହାର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ନିରଞ୍ଜନ ଦେହୁରୀ, ପ୍ରିୟଦର୍ଶୀ ପଟ୍ଟନାୟକ, ସରୋଜ ସାହୁ, କାହ୍ନୁ ରାଉତ, ଜ୍ୟୋସ୍ନାରାଣୀ ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ।



### ଲୁଟ୍ ଘଟଣାରେ ଜଣେ ଗିରଫ

କଣିହାଁ,୨୦।୧୦(ଡି.ଏନ.ଏ.)

କଣିହାଁ ବ୍ଲକ ରେଙ୍ଗାଳି ଥାନା ପୋଲିସ ଏକ ଲୁଟ୍ ଘଟଣାରେ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ କୁଲାବିରି ଗ୍ରାମର ଟିକନ ନନ୍ଦ। ଆଇଆଇସି ସରୋଜ କାନ୍ତ ସାମଲ, ତଦନ୍ତ ଅଧିକାରୀ ଏଏସ୍‌ଆଇ ସର୍ବେଶ୍ୱର ସେଠୀ କହିଛନ୍ତି, ୨୦୧୭ ଜୁନ୍ ୮ରେ ଭାରତ ଫାଇନାନ୍ସ ଏଜେଣ୍ଟ ସୁଶାନ୍ତ ସାହୁ ଋଣ ଅର୍ଥ ଆଦାୟ କରି ଫେରୁଥିବାବେଳେ ପୋଡାଗଡ଼ ଗ୍ରାମ ନିକଟସ୍ଥ ଜଙ୍ଗଲିଆ ରାସ୍ତାରେ ୩ ଜଣ ଯୁବକ ତାଙ୍କୁ ଅଟକାଇ ତାଙ୍କ ବାଇକ, କାଗଜପତ୍ର ଓ ୬୬ ହଜାର ଟଙ୍କା ଲୁଟି ନେଇଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୭୨/୧୭ରେ ମାମଲା ରୁଜୁ କରିଥିଲା। ପରେ ଜଙ୍ଗଲ ଅଞ୍ଚଳରୁ ଏଜେଣ୍ଟଙ୍କ ଗାଡି ଓ କାଗଜପତ୍ର ଉଦ୍ଧାର କରାଯାଇଥିଲା। ମୁଖ୍ୟ ଅଭିଯୁକ୍ତ ସମଲ ଥାନା ଚନ୍ଦ୍ରବିଲ ଗ୍ରାମର ପି.କେ. ପ୍ରଧାନ ଏକ ହତ୍ୟା ମାମଲାରେ ତାଳଚେର ଜେଲରେ ରହିଛନ୍ତି। ଅନ୍ୟତମ ଅଭିଯୁକ୍ତ କଣିହାଁ ଥାନା ଡେରେଙ୍ଗ ଗ୍ରାମର ମେର୍ହା ବେହେରା ଫେରାର ଅଛନ୍ତି।

### ଫଟୋରେ ଖବର



ଅନୁଗୋଳ ଜିଲା ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ଅନ୍ତର୍ଗତ ଟିକରପଡ଼ା ବନାଞ୍ଚଳ କାର୍ଯ୍ୟାଳୟ ସମ୍ମୁଖ ଆମ୍ବତୋଟାରୁ ସ୍ନେକ ହେଲ୍‌ପଲାଇନ ସଦସ୍ୟମାନେ ଏକ ୮ ଫୁଟ୍ ଲମ୍ବର ଅହିରାଜ ଉଦ୍ଧାର କରିଛନ୍ତି।

**ଧରିତ୍ରୀର ଢେଙ୍କାନାଳ – ଅନୁଗୋଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ହାତୀ ଆକ୍ରମଣରେ ଚାଷୀ ଜୀବନ ଗଲା

ସାତମାଇଲ, ୨୦।୧୦(ଡି.ଏନ୍.ଏ.)
ହିନ୍ଦୋଳ ବ୍ଲକ ବାଲିମୀ ଥାନା ଅନ୍ତର୍ଗତ ତର୍କାବେଡ଼ା ଗ୍ରାମରେ ଶନିବାର ହାତୀ ଆକ୍ରମଣରେ ଜଣେ ଚାଷୀ ପ୍ରାଣ ହରାଇଛନ୍ତି। ମୃତକ ହେଲେ ଯୋଗୀନାଥ ଜେନା। ସକାଳେ ଯୋଗୀନାଥ ବିଲକୁ ଯାଉଥିବାବେଳେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। କ୍ଷତାକ୍ତ ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ହିନ୍ଦୋଳ ବନାଞ୍ଚଳରେ ହାତୀ ଉପଦ୍ରବରେ ବ୍ୟାପକ ଫସଲ ନଷ୍ଟ ହେବା ସହ ଧନଜୀବନ ହାନି ହେଉଛି। ବନ ବିଭାଗ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି। ଏ ନେଇ ଏସିଏଫ୍ ଜିତେନ୍ଦ୍ରନାଥ ଦାସ କୁହନ୍ତି, ପ୍ରାରମ୍ଭିକ ପର୍ଯ୍ୟାୟରେ ମୃତ ଚାଷୀଙ୍କ ପରିବାରକୁ ଅନୁକମ୍ପାମୂଳକ କ୍ଷତିପୂରଣ ଦିଆଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସରକାରୀ ନିୟମ ଅନୁଯାୟୀ ସମସ୍ତ ସହାୟତା ଯୋଗାଇ ଦିଆଯିବ।

### କ୍ଷତିପୂରଣ ଦାବି କଲେ ତିତ୍‌ଲି ପ୍ରଭାବିତ ମତ୍ସ୍ୟଜୀବୀ

ଢେଙ୍କାନାଳ ଅଫିସ, ୨୦।୧୦
ତିତ୍‌ଲି ପ୍ରଭାବରେ ହୋଇଥିବା ଲଗାଣ ବର୍ଷାରେ ଢେଙ୍କାନାଳ ଜିଲାର ମତ୍ସ୍ୟଜୀବୀମାନେ ପ୍ରଭାବିତ ହୋଇଛନ୍ତି। ନଦୀସ୍ରୋତରେ ସେମାନଙ୍କ ଜାଲ ଭାସିଯାଇଛି। ଡଙ୍ଗା ମଧ କ୍ଷତିଗ୍ରସ୍ତ ହୋଇଛି। ସପ୍ତାହେ ହେଲା ଶତାଧିକ ମତ୍ସ୍ୟଜୀବୀ ହାତବାନ୍ଧି ବସିଥିବାବେଳେ କ୍ଷତିପୂରଣ ଦାବିରେ ଶନିବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲା ଭୁବନ ଜୟପୁର ଗ୍ରାମର ସର୍ବମଙ୍ଗଳା ପ୍ରାଥମିକ ମତ୍ସ୍ୟ ସମବାୟ ସମିତି। ଅକ୍ଟୋବର ୧୨ ରାତିରେ ପ୍ରବଳ ବର୍ଷା ଯୋଗୁ ଭୁବନ, ଗଁଦିଆ, କାମାକ୍ଷାନଗର, ଓଡ଼ାପଡ଼ା, ପରଜଙ୍ଗ ବ୍ଲକର ଅଧିକାଂଶ ମତ୍ସ୍ୟଜୀବୀଙ୍କ କ୍ଷୟକ୍ଷତି ହୋଇଛି। ସେମାନେ ଯେପରି ନିଜର ରୋଜଗାର ଫେରିପାରିବେ ସେ ଦିଗରେ ଦୃଷ୍ଟିଦେବାକୁ ସମିତିର ସଭାପତି ଦୀନବନ୍ଧୁ ବେହେରା, ସମ୍ପାଦକ ସୁଧାଂଶୁ ଶେଖର ମଲ୍ଲିକ ପ୍ରମୁଖ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

### ବାଣଫୁଟି ଜଣେ ଗୁରୁତର, ଉତ୍ତେଜନା



ଓଡ଼ାପଡ଼ା, ୨୦।୧୦(ଡି.ଏନ.ଏ.)
ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ସାଇଁବିରି ଗ୍ରାମରେ ଦଶହରା ଭସାଣି ଉତ୍ସବ ଚାଲିଥିବା ବେଳେ ବାଣଫୁଟି ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ ପ୍ରହଲ୍ଲାଦ ସାହୁ ଓରଫ୍ ପହଲି (୬୨)। ମେଲଣ ଉତ୍ସବ ଦେଖୁଥିବାବେଳେ ତାଙ୍କ ହଠାତ୍ ତାଙ୍କ ମୁହଁରେ ବାଣ ପଡ଼ି ବିସ୍ଫୋରଣ ହୋଇଥିଲା। ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ଅଞ୍ଚଳରେ ପ୍ରବଳ ଉତ୍ତେଜନା ଦେଖାଦେଇଥିଲା। ଉତ୍ୟକ୍ତ ଲୋକେ ଜାତୀୟ ରାଜପଥ ଅବରୋଧ କରିଥିଲେ। ରିପୋର୍ଟ ଲେଖାଯିବା ଆନ୍ଦୋଳନ ଜାରି ରହିଥିବାବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ହଜାର ହଜାର ଯାନବାହନ ଅଟକି ରହିଛି। ଅନ୍ୟ ଏକ ରାସ୍ତାଦେଇ ଗାଡ଼ି ଚଳାଚଳ କରିବାକୁ ପୋଲିସ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲେ ମଧ ତାହା ବିଶେଷ ଫଳପ୍ରଦ ହୋଇପାରିନାହିଁ। ରାସ୍ତାରେ ଅଟକି ରହିଥିବା ଯାତ୍ରୀମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଏ ସମ୍ପର୍କରେ ଏସ୍‌ପି ସନ୍ତୋଷ କୁମାର ନାୟକ କୁହନ୍ତି, ଜଣଙ୍କ ଦେହରେ ବାଣ ଫୁଟିଯିବାକୁ ନେଇ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଓଡାପଡା ତହସିଲଦାର ଓ ସଦର ଏସ୍‌ଡିପିଓ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରୁଛନ୍ତି।

■ସୁନା ବ୍ୟବସାୟୀ ହତ୍ୟା ମାମଲାର ରହସ୍ୟ ଖୋଲିଲା

# ଯବାନ ସାଜିଥିଲେ ହତ୍ୟାକାରୀ

ଢେଙ୍କାନାଳ ଅଫିସ, ୨୦।୧୦

ବହୁଚର୍ଚ୍ଚିତ ସୁନା ବ୍ୟବସାୟୀ ମଣ୍ଟୁ ପାତ୍ର (୪୫) ହତ୍ୟାକାଣ୍ଡ ମାମଲାର ସମସ୍ତ ରହସ୍ୟ ଉନ୍ମୋଚିତ ହୋଇଛି। ହତ୍ୟାର ପ୍ରମୁଖ କାରଣ ପରକୀୟା ପ୍ରୀତି। ମଣ୍ଟୁଙ୍କ ସ୍ତ୍ରୀ ଅରୁଣା ଏବଂ ତାଙ୍କ ପ୍ରେମିକ ତଥା ଯବାନ ସଞ୍ଜୟ କୁମାର(୩୧) ମିଶି ଏହି ହତ୍ୟାକାଣ୍ଡର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିଲେ। ଆସାମର ଦିବ୍ରୁଗଡ଼ ଜିଲା ଦିନଜ୍ଞାଙ୍ଗ୍ ରେଜିମେଣ୍ଟରୁ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଜିଲା ପୋଲିସ କାର୍ଯ୍ୟାଳୟରେ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ସନ୍ତୋଷ କୁମାର ନାୟକ ହତ୍ୟାକାଣ୍ଡ ପଛର ଗୁମର ଖୋଲିଛନ୍ତି।

ହରିୟାଣା ଯମୁନାନଗର ଜିଲା ବୋରିଆ ଥାନା ତେଲିପୁରା ଗ୍ରାମର ହରପାଲ ସିଂଙ୍କ ପୁଅ ହେଉଛନ୍ତି ସଞ୍ଜୟ। ସେ ଆହ୍ଲାହାବାଦ-୨୪୪ ଫିଲ୍ଡ ରେଜିମେଣ୍ଟରେ ୧୨ବର୍ଷ ହେଲା ଯବାନ ଭାବେ କାର୍ଯ୍ୟ କରୁଥିବାବେଳେ ଡେପୁଟେଶନରେ ଦିନ୍‌ଜ୍ଞାଙ୍ଗ ଯାଇଥିଲେ। ୨ବର୍ଷ ତଳୁ ଫେସ୍‌ବୁକ୍‌ରେ ସଞ୍ଜୟଙ୍କ ସହ ସମ୍ପର୍କ ରଖିଥିଲେ ଅରୁଣା। ପରବର୍ତ୍ତୀ ସମୟରେ ଏହା ପ୍ରେମର ରୂପ ନେଇଥିଲା। ଏହା ହିଁ ମଣ୍ଟୁ ହତ୍ୟା ପଛର ପ୍ରମୁଖ କାରଣ ବୋଲି ପୋଲିସ କହିଛି।

ଅଗଷ୍ଟ ୨୮ରେ ଢେଙ୍କାନାଳ ଆସିଥିଲେ ସଞ୍ଜୟ। ସେ ଦକ୍ଷିଣକାଳୀ ରୋଡ୍‌ସ୍ଥିତ ଏକ ହୋଟେଲରେ ରହୁଥିଲେ। ସେଠାକୁ ଅରୁଣା ଖାଦ୍ୟ ପଠାଉଥିଲେ। ଏହି ସମୟରେ ସେ ମଣ୍ଟୁଙ୍କ ବିଷୟରେ ଅରୁଣାଙ୍କୁ ପଚାରିଥିଲେ। ଧରାପଡ଼ିବା ଭୟରେ ମଣ୍ଟୁଙ୍କୁ ନିଜର ସମ୍ପର୍କୀୟ ବୋଲି କହିଥିଲେ ଅରୁଣା। ଏପରି କି ମଣ୍ଟୁ ତାଙ୍କୁ ବାରମ୍ବାର ବଳାତ୍କାର କରିଛନ୍ତି ଏବଂ ଏହି କାରଣରୁ ସେ ସବୁଦିନ ଲାଗି ତାଙ୍କୁ ରାସ୍ତାରୁ ହଟାଇବାକୁ ଚାହୁଁଥିବା କହିଥିଲେ। ଏହାପରେ ମଣ୍ଟୁଙ୍କ ହତ୍ୟା ଷଡ଼ଯନ୍ତ୍ର ରଚିଥିଲେ ଉଭୟେ। ଘଟଣାର ୩ ଦିନ ପୂର୍ବରୁ ମଣ୍ଟୁଙ୍କୁ ତାଙ୍କଘରେ ୩ଥର ହତ୍ୟା ଉଦ୍ୟମ କରାଯାଇଥିଲା। ହେଲେ ଏଥିରୁ ବର୍ତ୍ତିଯାଇଥିଲେ ସେ। ସେପ୍ଟେମ୍ବର ୩। ହତ୍ୟାକାଣ୍ଡ ଦିନ ସଞ୍ଜୟ ଏକ କଟୁରି କିଣି ଆଣିଥିଲେ। ମଧ୍ୟାହ୍ନରେ ମଣ୍ଟୁ ଦୋକାନରୁ ଫେରିବା ପରେ ଯୋଜନା ଅନୁଯାୟୀ ଅରୁଣା ତାଙ୍କୁ ଖାଦ୍ୟରେ ନିଶା ଔଷଧ ଦେଇଥିଲେ। ଚେତାଶୂନ୍ୟ ହୋଇ ପଡ଼ିଯିବା ପରେ ଅରୁଣା ଫୋନ କରି ସଞ୍ଜୟଙ୍କୁ ଡକାଇଥିଲେ। ଏହାପରେ ସଞ୍ଜୟ ଘରେ ପହଞ୍ଚି ମଣ୍ଟୁଙ୍କୁ ହତ୍ୟା କରିଥିଲେ। ପ୍ରମାଣ ନଷ୍ଟ କରିବାକୁ ସେ ଜଗନ୍ନାଥ ରୋଡ୍ ନିକଟ ପୋଖରୀରେ କଟୁରିକୁ ପକାଇ ଦେଇଥିଲେ। ପରେ ୧୯୦୦ ଟଙ୍କା ଭଡାଦେଇ ଅପରାହ୍ନ ୩ଟାରେ ଢେଙ୍କାନାଳ ଛାଡ଼ିଥିଲେ। ଏ ନେଇ ପୋଲିସ କୌଣସି ଟେର୍ ପାଇପାରି ନ ଥିଲା। ହତ୍ୟାକାଣ୍ଡ ଘଟାଇ ସଞ୍ଜୟ ନିଜ ଗ୍ରାମକୁ ଯାଇ ଦୁଇମାସ ଛୁଟି ବିତାଇଥିଲେ। ଛୁଟି ସରିବା ପରେ ସେ ପୁନର୍ବାର ରେଜିମେଣ୍ଟରେ ଯୋଗଦେଇଥିଲେ।



ଖବରଦାତା ସମ୍ମିଳନୀରେ ଏସ୍‌ପି ସନ୍ତୋଷ କୁମାର ନାୟକ ଘଟଣା ସମ୍ପର୍କରେ ସୂଚନା ଦେଉଛନ୍ତି।

- ■ଦିନଜ୍ଞାଙ୍ଗ୍ ରେଜିମେଣ୍ଟରୁ ଗିରଫ ହେଲେ ଅଭିଯୁକ୍ତ
- ■ମୃତକଙ୍କ ସ୍ତ୍ରୀ ସହ ଫେସ୍‌ବୁକ୍‌ରୁ ବଢ଼ିଥିଲା ସମ୍ପର୍କ
- ■ସ୍ୱାମୀଙ୍କୁ ଶତ୍ରୁ ବୋଲି ପ୍ରେମିକଙ୍କୁ କହିଥିଲେ
- ■ନିଜକୁ ଅବିବାହିତା ବୋଲି ଦେଇଥିଲେ ପରିଚୟ

### ଜଣେ ମହିଳା, ଅନେକ ପରିଚୟ

ସମାନ୍ତରାଳ ଭାବେ ଅନେକ ଯୁବକଙ୍କ ସହ ସମ୍ପର୍କ ରଖିଥିଲେ ଅରୁଣା। ଏହାର ମାଧ୍ୟମ ସାଜିଥିଲା ଫେସ୍‌ବୁକ୍। ସୋନା ଭଟ୍ଟାଚାର୍ଯ୍ୟ, ସୋନୁ, ଅନୀତା, ବର୍ଷା ନାମରେ ସେ ଯୁବକଙ୍କ ସହ ଭାବ ବଢ଼ାଉଥିଲେ। ସୋସିଆଲ ମିଡ଼ିଆରେ ନିଜକୁ ଢେଙ୍କାନାଳ କଲେଜରେ ଯୁକ୍ତ ୩ ବିଜ୍ଞାନ ଛାତ୍ରୀ ବୋଲି ଦର୍ଶାଇଥିଲେ। କେବଳ ଏତିକି ନୁହେଁ, ତାଙ୍କ ଦୁଇ ପୁଅଙ୍କୁ ନିଜ ଭାଇଙ୍କ ପୁଅ ବୋଲି ପରିଚୟ ଦେବା ସହ ଇଂଲିଶ ମିଡ଼ିୟମ ସ୍କୁଲରେ ପାଠ ପଢ଼ାଇବାକୁ ଢେଙ୍କାନାଳ ଆଣି ରଖିଥିବା କହୁଥିଲେ। ସେହିପରି ଫେସବୁକ୍ ମାଧ୍ୟମରେ କଟକର ଅନ୍ୟଜଣେ ଯୁବକଙ୍କ ସହ ମଧ ତାଙ୍କର ସମ୍ପର୍କ ଥିଲା। ସେପ୍ଟେମ୍ବର ୨ରେ ସମ୍ପୃକ୍ତ ଯୁବକ ନିଜର ମା’ ଓ ଭାଇଙ୍କୁ ଧରି ମହାବୀର ବଜାରସ୍ଥିତ ହନୁମାନ ମନ୍ଦିରରେ ଅରୁଣାଙ୍କୁ ଭେଟିଥିଲେ। ସେମାନେ ପରସ୍ପରକୁ ବିବାହ କରିବେ ବୋଲି କଥା ମଧ ହୋଇଥିଲେ।

### ସଞ୍ଜୟଙ୍କ ଜୀବନରେ ସୃଷ୍ଟି କରିଥିଲେ ଝଡ଼

୨ବର୍ଷ ତଳେ ବିବାହ କରିଥିଲେ ସଞ୍ଜୟ। ତାଙ୍କର କୌଣସି ସନ୍ତାନ ନାହାନ୍ତି। ଫେସ୍‌ବୁକ୍‌ରେ ସମ୍ପର୍କ ଗଢ଼ିହେବା ପରେ ସେ ଅନେକ ଥର ଅରୁଣାଙ୍କ ସହ ଦେଖା କରିବାକୁ ଢେଙ୍କାନାଳ ଆସିଥିଲେ। ସେ ନିଜର ବୈବାହିକ ଜୀବନ ଏବଂ ସନ୍ତାନ ହେଉ ନ ଥିବା ସମ୍ପର୍କରେ ଅରୁଣାଙ୍କୁ କହିଥିଲେ। ଏହାପରେ ଅରୁଣା ତାଙ୍କ ଦ୍ୱିତୀୟ ସ୍ତ୍ରୀ ହୋଇ ରହିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏ ନେଇ ଫୋନ୍‌ଯୋଗେ ସଞ୍ଜୟଙ୍କ ସ୍ତ୍ରୀଙ୍କୁ ବୁଝାଇଥିଲେ, ଯାହାକୁ ନେଇ ତାଙ୍କ ଦାମ୍ପତ୍ୟ ଜୀବନରେ ଉଠିଥିଲା ଝଡ଼। ସଞ୍ଜୟଙ୍କ ସ୍ତ୍ରୀ ରୋକ୍‌ଠୋକ୍ ଏହାର ପ୍ରତିବାଦ କରିଥିଲେ। ସ୍ୱାମୀଙ୍କ ପରକୀୟା ପ୍ରୀତି ସମ୍ପର୍କରେ ଜାଣିବା ପରେ ସେ ବାପଘରେ ରହି ଆସୁଥିଲେ।

### ଧରାପକାଇଦେଲା ଟେଲିଫୋନ୍ ଟ୍ରାକିଂ

ଫେସ୍‌ବୁକ୍ ମାଧ୍ୟମରେ ଯୁବକଙ୍କ ସହ ସମ୍ପର୍କ ରଖି ଟଙ୍କା ହଡ଼ପ କରିବା ଅରୁଣାଙ୍କ ପ୍ରମୁଖ ଉଦ୍ଦେଶ୍ୟ ଥିଲା। ଏଥିରେ ଫସିଯାଇଥିଲେ ସଞ୍ଜୟ। ମୋବାଇଲ କିଣିବା ଏବଂ ଦେହ ଖରାପ ଥିବା କହି ସେ ବିଭିନ୍ନ ସମୟରେ ସଞ୍ଜୟଙ୍କଠାରୁ ୪୫ହଜାର ଟଙ୍କା ନେଇଥିଲେ। ଟେଲିଫୋନ୍ ଟ୍ରାକିଂ, ଫେସ୍‌ବୁକ୍ ଆକାଉଣ୍ଟ ଯାଞ୍ଚ କରିବା ପରେ ପୋଲିସକୁ ଏ ନେଇ ସମସ୍ତ ସୂଚନା ମିଳିଥିଲା। ଏ ସମ୍ପର୍କରେ ଏସ୍‌ପି ସନ୍ତୋଷ କୁମାର ନାୟକ ରେଜିମେଣ୍ଟର କଲୋନେଲଙ୍କୁ ଜଣାଇଥିଲେ। ଅଭିଯୁକ୍ତଙ୍କୁ ଗିରଫ କରିବାକୁ କୋର୍ଟରୁ ୱାରେଣ୍ଟ ବାହାର କରାଯାଇଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶରେ ଟାଉନ ଥାନା ଅଧିକାରୀ ଅଭିନବ ଡାଲୁଆ, ରାସୋଳ ଥାନା ଅଧିକାରୀ ସନ୍ତୋଷ ପ୍ରଧାନ ଏବଂ ଦୁଇଜଣ ସଶସ୍ତ୍ର ପୋଲିସ କନଷ୍ଟେବଳ ଦିନଜ୍ଞାଙ୍ଗ୍ ରେଜିମେଣ୍ଟରେ ପହଞ୍ଚିଥିଲେ। ଦିବ୍ରୁଗଡ ପୋଲିସ ସହାୟତାରେ ସଞ୍ଜୟଙ୍କୁ ଗିରଫ କରାଯାଇଥିଲା। ସେଠାକାର ଅଦାଲତରୁ ସଞ୍ଜୟଙ୍କୁ ରିମାଣ୍ଡରେ ଅଣାଯାଇଥିଲା। ତାଙ୍କ ସୂଚନା ଆଧାରରେ ପୋଖରୀରୁ ହତ୍ୟାରେ ବ୍ୟବହୃତ କଟୁରି ଜବତ କରାଯାଇଥିବା ପୋଲିସ କହିଛି। ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ଶେଖ ଅବଦୁଲ କରିମଙ୍କ ସମେତ ବହୁ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

## ୨୨ରୁ ନଟରାଜ କୁମାରୋତ୍ସବ

ଢେଙ୍କାନାଳ ଅଫିସ, ୨୦।୧୦

ଢେଙ୍କାନାଳର ସାଂସ୍କୃତିକ ଅନୁଷ୍ଠାନ ନଟରାଜ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ଅକ୍ଟୋବର ୨୨ରୁ ଆରମ୍ଭ ହେଉଛି ୩୩ତମ ନଟରାଜ କୁମାରୋତ୍ସବ। ଜିଲା ସଂସ୍କୃତି ପରିଷଦ, ରାଜ୍ୟ ଓ କେନ୍ଦ୍ର ସଂସ୍କୃତି ବିଭାଗ, କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ, ଢେଙ୍କାନାଳ ସାମ୍ବାଦିକ ସଂଘର ମିଳିତ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମ ୨୫ ତାରିଖ ଯାଏ ଚାଲିବ। ଗୋପବନ୍ଧୁ ଟାଉନ୍ ହଲ ଏବଂ ମିନି ଷ୍ଟାଡିୟମରେ ସମସ୍ତ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର କରାଯାଇଛି। ଚଳିତବର୍ଷ ଖ୍ୟାତନାମା ଗାୟିକା ତୃପ୍ତି ଦାସଙ୍କୁ ଭଜନ ସମ୍ରାଟ ଭିକାରୀ ବଳ ସମ୍ମାନରେ ସମ୍ମାନିତ କରାଯିବ। ବରିଷ୍ଠ ମଞ୍ଚ ଅଭିନେତା ଅଜୟ ମିଶ୍ର, ସଙ୍ଗୀତ ନିର୍ଦ୍ଦେଶକ ସଞ୍ଜୟ ସାହୁ, ବିଶ୍ୱଭୂଷଣ ଚମ୍ପତିରାୟ, ବନ୍ୟକ ସଂସ୍ଥାର ସଞ୍ଜୀବ ବେହେରା ପ୍ରମୁଖଙ୍କୁ ନଟରାଜ ନାଟ୍ୟ ସମ୍ମାନ, ସଙ୍ଗୀତ, ନୃତ୍ୟ ଏବଂ ସେବା ସମ୍ମାନ ପ୍ରଦାନ କରାଯିବ। ସାଇପ୍ରସନ୍ନ ଦାସ ଓ ସୋନମ ପୃଷ୍ଟି ଗୁରୁ ଗଙ୍ଗାଧର ପ୍ରଧାନ ଯୁବ ପ୍ରତିଭା ସମ୍ମାନ ଏବଂ ଢେଙ୍କାନାଳର ଅଙ୍କିତା ପଣ୍ଡା, ମାନସ ମହାପାତ୍ରଙ୍କୁ ସ୍ୱତନ୍ତ୍ର ନଟରାଜ ସମ୍ମାନରେ ସମ୍ମାନିତ କରାଯିବ। ଏହି ଅବସରରେ ୨୨ ଓ ୨୩ ତାରିଖରେ ଗୋପବନ୍ଧୁ ଟାଉନ୍ ହଲ୍‌ରେ ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ, କୌତୁକ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିସହ ପ୍ରତି ସନ୍ଧ୍ୟାରେ ଭଜନ, ମିଳିତ କଣ୍ଠସଙ୍ଗୀତ, ତବଲା ଲହରା, ନୃତ୍ୟନାଟିକା କାଞ୍ଚି ଅଭିଯାନ, ପେଟେଣ୍ଟ ମେଡିସିନ, ସମ୍ବଲପୁରୀ ଲୋକନୃତ୍ୟ, ବିହୁ, ଗର୍‌ବା ନୃତ୍ୟ ପରିବେଷିତ ହେବ। କଣ୍ଠଶିଳ୍ପୀ ସିମରନ ଦାସ, ଅଂଶୁମାନ ଭରଦ୍ୱାଜ, ସୁଚିତ୍ରା କୃପାଳିନୀ, ବିକ୍ରମ ସ୍ୱାଇଁ ସଙ୍ଗୀତ ପରିବେଷଣ କରିବେ। ହାସ୍ୟ ଅଭିନେତା ଶତ୍ରୁଘ୍ନ ମାଟି ବ୍ୟଙ୍ଗ ଅଭିନୟ ପ୍ରଦର୍ଶନ କରିବା କାର୍ଯ୍ୟକ୍ରମ ରହିଥିବା ନଟରାଜ ସଙ୍ଗୀତ ମହାବିଦ୍ୟାଳୟର ଅଧକ୍ଷ କୃଷ୍ଣକୁମାର ମିଶ୍ର ସୂଚନା ଦେଇଛନ୍ତି।

## ୨ ବିଚାର ବିଭାଗୀୟ ଅଧିକାରୀଙ୍କ ଘରୁ ଚୋରି

କାମାକ୍ଷାନଗର, ୨୦।୧୦(ଡି.ଏନ୍.ଏ.)

କାମାକ୍ଷାନଗର ଅତିରିକ୍ତ ଜିଲା ଦୌରାଜଜ୍ ବାମାଶଙ୍କର ମିଶ୍ର ଏବଂ ଉପଖଣ୍ଡ ବିଚାର ବିଭାଗୀୟ ଅଧିକାରୀ ପତଞ୍ଜଳୀ ସାହୁଙ୍କ ସରକାରୀ ବାସଭବନରୁ ଶୁକ୍ରବାର ରାତିରେ ଚୋରି ହୋଇଛି। ଏ ନେଇ ଶନିବାର ଥାନାରେ ଅଭିଯୋଗ ହୋଇଛି। ଅଦାଲତ ଛୁଟି ଥିବାରୁ ସମ୍ପୃକ୍ତ ୨ ଅଧିକାରୀ ବାହାରକୁ ଯାଇଥିଲେ। ଏହାର ସୁଯୋଗରେ ଦୁର୍ବୃତ୍ତମାନେ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଗ୍ରୀଲ୍ କାଟି ମୂଲ୍ୟବାନ ସାମଗ୍ରୀ ଲୁଟି ନେଇଛନ୍ତି। ସେହିପରି ବାଥରୁମ ସ୍କାଏ ଲାଇଟ୍ ଭାଙ୍ଗି ଉପଖଣ୍ଡ ବିଚାର ବିଭାଗୀୟ ଅଧିକାରୀଙ୍କ ଘରୁ ବହୁ ସାମଗ୍ରୀ ଚୋରି ହୋଇଛି। ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ସହରରେ ଦଶହରା ମାହୋଲ ଚାଲିଥିବାବେଳେ ଏପରି ଚୋରି ପୋଲିସର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ନୂତନ ଫୁଟବଲ ଦଳ ଗଠିତ




ପୂର୍ବତନ କ୍ରୀଡ଼ାବିତ୍ ପ୍ରଫୁଲ୍ଲ କୁମାର ଭଞ୍ଜଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଢେଙ୍କାନାଳ ଅଫିସ,୨୦।୧୦

ଢେଙ୍କାନାଳ ଚାମ୍ବର ଅଫ୍ କମର୍ସ ସମ୍ମିଳନୀ କକ୍ଷରେ ଶୁକ୍ରବାର ଟାଉନ କ୍ଲବ ପକ୍ଷରୁ ଫୁଟବଲ ଦଳ ଗଠିତ ହୋଇଛି। ଏଥିସହ ପ୍ରତିଭା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପୂର୍ବତନ କ୍ରୀଡ଼ାବିତ୍ ତଥା କ୍ରୀଡ଼ା ସଙ୍ଗଠକ ପ୍ରଫୁଲ୍ଲ କୁମାର ଭଞ୍ଜଙ୍କୁ କ୍ରୀଡ଼ା କ୍ଷେତ୍ରରେ ଅବଦାନ ଲାଗି ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବର ସଭାପତି ନବୀନଚନ୍ଦ୍ର ନାରାୟଣ ଦାସଙ୍କ ଉଦ୍ୟମରେ ଫୁଟବଲ ଦଳ ଗଠନ ପାଇଁ ଖେଳାଳି ଚୟନ କରାଯାଇଛି। ଆନୁଷ୍ଠାନିକ ଭାବରେ ୫ଜଣ ଖେଳାଳି ଓ ଦୁଇଜଣ ପ୍ରଶିକ୍ଷକଙ୍କୁ କ୍ଲବ ପକ୍ଷରୁ ଜର୍ସି ଦିଆଯାଇଛି। ଅତିଶୀଘ୍ର ବରିଷ୍ଠ ବିଭାଗରେ ପୂର୍ଣ୍ଣାଙ୍ଗ ଦଳ ଚୟନ କରାଯାଇ କ୍ରୀଡ଼ାବିତ୍‌ଙ୍କୁ ନିୟମିତ ପ୍ରଶିକ୍ଷଣ ଦିଆଯିବ। କାର୍ଯ୍ୟକ୍ରମରେ ଦେବେନ୍ଦ୍ର ପଟ୍ଟନାୟକ, ଶିବସାଇ ମହାପାତ୍ର, ଅଭିଜିତ ମିଶ୍ର, ସଞ୍ଜୀବ ତ୍ରିପାଠୀ, ପ୍ରଶାନ୍ତ ଭଞ୍ଜ, ଅସୀମ ଦାସ, ଶୁଭ୍ରାଂଶୁ ଦଳେଇ, ରଘୁନାଥ ମିଶ୍ର, ସୌମେନ୍ଦ୍ର ବର୍ମା, ଇସ୍ମାଇଲ ବକ୍ସ, ରାମକୃଷ୍ଣ ବେହେରା, ଜେନାମଣି ଅଶୋକରାୟ, ପ୍ରଶାନ୍ତ ମହାରଣା, ସନ୍ଦୀପ ରାଉତ, ମହମ୍ମଦ ଆଫଜଲ, ପ୍ରଦୀପ୍ତ ତ୍ରିପାଠୀ, ରାଜକିଶୋର ବେହେରା, ଚିତ୍ତରଞ୍ଜନ ସାହୁ, ଦେବକାନ୍ତ ମିଶ୍ର, ସାତ୍ୟକ ପତି ପ୍ରମୁଖ ଉପସ୍ଥିତ ଥିଲେ।

■କଟକଣା ମାନିଲେନି ବଳଦିଆ

# ଅବ୍ୟବସ୍ଥାରେ ସରିଲା ଅନୁକୂଳ ଯାତ୍ରା

ଭୁବନ, ୨୦।୧୦(ଡି.ଏନ୍.ଏ.)

କଟକଣା ମାନିଲେନି କି ରଖିଲେନି ଅନୁରୋଧ। ଶାନ୍ତି କମିଟି ନିଷ୍ପତ୍ତିକୁ ବାଏଁ ବାଏଁ ଉଡ଼ାଇଦେଲେ। ପ୍ରଶାସନର ସବୁ ଯୋଜନା ଫସର ଫାଟିଥିବାବେଳେ ଚଳିତବର୍ଷ ବ୍ୟାପକ ଅବ୍ୟବସ୍ଥା, ବିଶୃଙ୍ଖଳା ମଧ୍ୟରେ ଶେଷ ହୋଇଛି ଐତିହାସିକ ବଳଦଯାତ୍ରା।

ଢେଙ୍କାନାଳ ଜିଲା ଭୁବନର ପ୍ରସିଦ୍ଧ ବଳଦଯାତ୍ରାକୁ ଶୃଙ୍ଖଳିତ କରିବାକୁ ମାସାଧିକ ଧରି ଚାଲିଥିଲା କସରତ। ଉଚ୍ଚ ଶବ୍ଦଯୁକ୍ତ ଡିଜେ ସାଉଣ୍ଡକୁ ବାଦ୍ ଦେବାକୁ ସମସ୍ତ ଉଦ୍ୟମ କରିଥିଲା ଶାନ୍ତି କମିଟି। ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ମାଇକ୍ ବଜାଇବାକୁ ନେଇ କେତେକ ନିୟମ ଲାଗୁ କରିଥିଲା, ଯାହାକୁ ସମହତି ଜଣାଇଥିଲେ ବଳଦିଆ। ହେଲେ ଅନୁକୂଳ ଯାତ୍ରାରେ ଅନେକେ ଏଥିରୁ ଓହରିଗଲେ। ଯାତ୍ରାରେ ବାଜିଲା ଉଚ୍ଚ ଶବ୍ଦଯୁକ୍ତ ଡିଜେ। ଏପରି ଅବ୍ୟବସ୍ଥା ସତ୍ତ୍ୱେ ବଳଦିଆଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ପ୍ରଶାସନ ଉପରେ ଖପ୍ପା ହୋଇଛି ଶାନ୍ତି କମିଟି। କେବଳ ଏତିକି ନୁହେଁ, ଯାତ୍ରାରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ମଧ ଗ୍ରହଣ କରାଯାଇ ନ ଥିଲା। ଫଳରେ କେତେକ ସ୍ଥାନରେ ଛୋଟମୋଟ ଗଣ୍ଡଗୋଳ ହୋଇ ମାରପିଟ ଯାଏ କଥା ଯାଇଥିଲା।

ନିର୍ଦ୍ଧାରିତ ସମୟ ନିର୍ଘଣ୍ଟ ଅନୁଯାୟୀ ଶୁକ୍ରବାର ରାତି ୮ଟା ୨୦ରେ ଆରମ୍ଭ ହୋଇଥିଲା ବଳଦଯାତ୍ରାର ଆଦ୍ୟପର୍ବ ଅନୁକୂଳ ଯାତ୍ରା। ଥୋରିଆ ଏବଂ ବଣିଆ ସମ୍ପ୍ରଦାୟର ଲୋକମାନେ ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଯାତ୍ରାରେ ସାମିଲ ହୋଇଥିବା ସମସ୍ତ ବଳଦ ଜଗନ୍ନାଥ ମନ୍ଦିର ନିକଟରେ ଏକାଠି ହୋଇଥିଲେ। ସେଠାରେ ତହସିଲଦାର ଶକ୍ତିକାନ୍ତ ରାୟ, ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କା, ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳ ଏବଂ ସହର ସଙ୍ଗଠନ ସଭାପତି ବାସୁଦେବ ବେହେରାଙ୍କୁ ଜଗନ୍ନାଥ ପରିଚାଳନା କମିଟି ପକ୍ଷରୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ଜଗନ୍ନାଥଙ୍କ ଚଳନ୍ତି ବିଗ୍ରହକୁ ନେଇ ସହର ପରିକ୍ରମା କରାଯାଇଥିଲା। ଥୋରିଆ ସମ୍ପ୍ରଦାୟର ବଳଦ ଆଗରେ ଚାଲିଥିବାବେଳେ ଅନ୍ୟ ବଳଦ ଗୁଜୁରୀହାଟ ଏବଂ ଗୋପାଳ ମଣ୍ଡପ ନିକଟରେ ଶୋଭାଯାତ୍ରାରେ ମିଶିଥିଲେ। ରାତି ୧୧ଟାରେ ବଡ଼ହାଟ ଅନୁକୂଳ ପଡ଼ିଆରେ ପୂଜାର୍ଚ୍ଚନା କରାଯାଇଥିଲା। ବଳଦଗୁଡ଼ିକୁ ନଗର ପରିକ୍ରମା କରି ନିଜ ନିଜ ସାହିକୁ ଫେରିଥିଲେ। ଅତ୍ୟାଧୁନିକ ବାଜା, ଆଲୋକମାଳାର ରୋଶଣିରେ ପରିବେଶ ମୁଖରିତ ହୋଇଉଠିଥିଲା। ଯାତ୍ରା ଦେଖିବାକୁ ରାଜ୍ୟର ବିଭିନ୍ନ ସ୍ଥାନରୁ ଲକ୍ଷାଧିକ ଲୋକଙ୍କ ଭିଡ଼ ଜମିଥିଲା। ରାତି ୩ଟା ୨୦ରେ ଅନୁକୂଳ ଯାତ୍ରା ଶେଷ ହୋଇଛି।

ଏ ସଂକ୍ରାନ୍ତରେ ଶାନ୍ତି କମିଟି ସଦସ୍ୟ ଅଜୟ କୁମାର ସେଠୀ କୁହନ୍ତି, ଯାତ୍ରା ନିୟମାବାଳୀକୁ କେତେଜଣ ବଳଦିଆ କମିଟି ଅଣଦେଖା କରିଛନ୍ତି। ପ୍ରଶାସନ ପକ୍ଷରୁ ମଧ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇନାହିଁ। ଏସବୁ କାରଣରୁ ବ୍ୟାପକ ବିଶୃଙ୍ଖଳା ହୋଇଛି। ତେଣୁ ଶାନ୍ତିକମିଟି ପକ୍ଷରୁ ଯାତ୍ରା ପରିଚାଳନାରେ ପ୍ରଶାସନକୁ ଅସହଯୋଗ କରାଯାଉଛି। ତହସିଲଦାର କୁହନ୍ତି, ଶାନ୍ତିକମିଟି ନିଷ୍ପତ୍ତିକୁ ବଳଦିଆମାନେ ଅବମାନନା କରିଛନ୍ତି। ଏଣୁ ଭସାଣି ଯାତ୍ରାରେ ପୋଲିସ ମୁତୟନ କରାଯାଇଛି।



ଶୋଭାଯାତ୍ରାରେ ବଳଦକୁ ନଗର ପରିକ୍ରମା କରାଯାଉଛି।

- ■ସୁରକ୍ଷା ବ୍ୟବସ୍ଥାକୁ ଅଣଦେଖା
- ■ପ୍ରଶାସନ ଉପରେ ଶାନ୍ତି କମିଟି ଖପ୍ପା
- ■କଠୋର କାର୍ଯ୍ୟାନୁଷ୍ଠାନ ଦାବି

ଧରିତ୍ରୀର ଢେଙ୍କାନାଳ – ଅନୁଗୋଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ- ୭୮୯୪୪୬୨୯୧୨, ବଣ୍ଟରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ହାତୀ ଆକ୍ରମଣରେ ଜଣେ ମୃତ

ତାଳଚେର,୨୦।୧୦(ନି.ପ୍ର)- ତାଳଚେର ବ୍ଲକ ଲିଙ୍ଗରାକଟା ଗ୍ରାମର ବିକ୍ରମ ରାଉତ ଶନିବାର ରାତିରେ ହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ରାତିରେ ଗ୍ରାମ ନିକଟକୁ ହାତୀପଲ ଆସିଥିଲେ। ଗ୍ରାମବାସୀଙ୍କ ସହିତ ବିକ୍ରମ ହାତୀ ଦେଖିବାକୁ ଯାଇଥିଲାବେଳେ ହାତୀପଲ ଆକ୍ରମଣ କରିବାକୁ ଗୋଡ଼ାଇଥିଲା। ବିକ୍ରମ ହାତୀ ହାବୁଡରେ ପଡିଯାଇଥିଲେ। ଖବରପାଇ ତାଳଚେର ପୋଲିସ ଓ ବନ ବିଭାଗ ଘଟଣାସ୍ଥଳରେ ତଦନ୍ତ ଚଳାଇଛନ୍ତି।

### ଥାନା ନିକଟରୁ ଚୋରି

ବଅଁରପାଳ,୨୦।୧୦(ଡି.ଏନ.ଏ.)- ନାଲ୍‌କୋ ଥାନାଠାରୁ ଅଳ୍ପ ଦୂରରେ ଥିବା ରୁଦ୍ରବିହାରର ନବଘନ ନାୟକଙ୍କ ଘରୁ ବୁଧବାର ରାତିରେ ଚୋରି ହୋଇଛି। ଏ ନେଇ ନବଘନ ଥାନାରେ ଅଭିଯୋଗ କରିଛନ୍ତି। ରାତିରେ ପରିବାର ଲୋକେ ଘର ଶୋଇଥିଲାବେଳେ ଦୁର୍ବୃତ୍ତମାନେ ଝରକାରେ ଲୁଗା ଟାଙ୍ଗି ଘରଥିବା ଭିତରେ ପଶି ଟଙ୍କା ଓ ଏକ ମୋବାଇଲ ଫୋନ ନେଇଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ବ୍ୟାଟେରି ଚୋରି ଅଭିଯୁକ୍ତ ଗିରଫ

ବଇଣ୍ଡା,୨୦।୧୦(ଡି.ଏନ.ଏ.): ଅନୁଗୋଳ ଜିଲା ହଣ୍ଡପା ଥାନା ବଡ଼ହୁଲା ଗ୍ରାମରେ ଛିଡ଼ା ହୋଇଥିବା ଏକ ମିନି ଟ୍ରକ(ନଂ.ଓଡି୦୨ଏଲ୯୧୫୩)ରୁ ଗୁରୁବାର ରାତିରେ କେତେକ ଦୁର୍ବୃତ୍ତ ବ୍ୟାଟେରି ଚୋରି କରି ନେଇଥିଲେ। ଏ ନେଇ ଟ୍ରକ ଚାଳକ ବଡ଼ହୁଲା ଗ୍ରାମର ଚନ୍ଦ୍ରାହାସ୍ୟ ଦେହୁରୀ ଶୁକ୍ରବାର ହଣ୍ଡପା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରିବା ସହ ଗାଁ ବଇଣ୍ଡା ଗ୍ରାମ ରଙ୍ଗମାଟିଆସାହିର ବିଦ୍ୟାଧରଙ୍କୁ ଗିରଫ କରିଛି। ଏଥିସହ ବିଦ୍ୟାଧରଙ୍କ ଘରୁ ବ୍ୟାଟେରି ଜବତ କରିଛି। ପୋଲିସ କହିଛି, ଗାଡ଼ିଟି ଚନ୍ଦ୍ରାହାସ୍ୟଙ୍କ ଘର ସାମ୍ନାରେ ଛିଡ଼ା ହୋଇଥିବାବେଳେ ବିଳମ୍ବିତ ରାତିରେ ବ୍ୟାଟେରି ଚୋରି ହୋଇଥିଲା। ବିଦ୍ୟାଧରଙ୍କ ଘରୁ ବ୍ୟାଟେରିକୁ ଜବତ କରାଯିବା ସହ ତାଙ୍କୁ କୋର୍ଟଚାଲାଣ କରାଯାଇଛି।

### ପୂର୍ବଶତ୍ରୁତାରୁ ମାଡ଼, ମହିଳା ଗିରଫ

ବଇଣ୍ଡା,୨୦।୧୦(ଡି.ଏନ.ଏ.)- ଠାକୁରଗଡ଼ ଥାନା ଗିରିଦା ଗ୍ରାମର ଗୁଲି ନାୟକ(୧୮)ଙ୍କୁ ମାଡ଼ ମାରିବା ଅଭିଯୋଗରେ ଗୁରୁବାର ପୋଲିସ ସେହି ଗ୍ରାମର କନକ ନାୟକଙ୍କୁ ଗିରଫ କରିଛି। ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଗୁଲିଙ୍କୁ ମାଡ଼ ମରାଯାଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ପୋଲିସ ନଂ.୯୭/୧୮ରେ ଏକ ମାମଲା ରୁଜୁ କରି କନକଙ୍କୁ ଆଠମଲ୍ଲିକ କୋର୍ଟଚାଲାଣ କରିଛି।

### ବିଏସ୍‌ଏନଏଲ୍ ଏକ୍ସଚେଞ୍ଜରୁ ଚୋରି

ବଇଣ୍ଡା,୨୦।୧୦(ଡି.ଏନ.ଏ.): ହଣ୍ଡପା ଥାନା ନାକିଚିଠାରେ ଥିବା ବିଏସଏନଏଲ ଏକ୍ସଚେଞ୍ଜରୁ ଗୁରୁବାର ରାତିରେ କେତେକ ଦୁର୍ବୃତ୍ତ ଲାଗିଥିବା ୨୫ଟି ବ୍ୟାଟେରି ଚୋରି କରି ନେଇଥିବା ଏକ୍ସଚେଞ୍ଜର କର୍ମଚାରୀ ଅକ୍ରୁର ସେଠୀ ହଣ୍ଡପା ଥାନାରେ ଅଭିଯୋଗ କରିଛନ୍ତି। ଏକ୍ସଚେଞ୍ଜରେ ସେ ଶୋଇଥିବାବେଳେ କେତେକ ଦୁର୍ବୃତ୍ତ କବାଟ ଭାଙ୍ଗି ଚୋରି କରି ନେଇଥିବା ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

### ଯୌତୁକ ନିର୍ଯାତନା ଅଭିଯୋଗ, ସ୍ୱାମୀ ଅଟକ

ବଅଁରପାଳ,୨୦।୧୦(ଡି.ଏନ.ଏ.): ବଅଁରପାଳ ଥାନା ବାଦୁଡିସାହିରେ ଭଡା ଘରେ ରହୁଥିବା ଜୟଦେବ ଦାସ ତାଙ୍କ ସ୍ତ୍ରୀ ଚିନ୍ମୟୀ ଦାସଙ୍କୁ ଯୌତୁକ ନିର୍ଯାତନା ଦେଇଥିବା ନେଇ ଚିନ୍ମୟୀ ଶନିବାର ଥାନାରେ ଅଭିଯୋଗ କରିଛନ୍ତି। ଯାଜପୁର ଅଞ୍ଚଳର ଜୟଦେବ ଦେବଗଡର ଚିନ୍ମୟୀଙ୍କୁ ୨ମାସ ହେବ ମନ୍ଦିରରେ ବିବାହ କରିଥିଲେ। କିଛିଦିନ ହେଲା ଜୟଦେବ ଯୌତୁକ ନିର୍ଯାତନା ଦେଇ ଆସୁଥିବା ଚିନ୍ମୟୀ ଅଭିଯୋଗ କରିଛନ୍ତି। ପୋଲିସ ଜୟଦେବଙ୍କୁ ଅଟକ ରଖିଛି।

### କଂଗ୍ରେସର ମିଶ୍ରଣ ପର୍ବ

ଅନୁଗୋଳ ଅଫିସ,୨୦।୧୦: ଅନୁଗୋଳ ଜିଲା ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର ବଡହିଂସର ମା' ଖମ୍ବେଶ୍ୱରୀ ମନ୍ଦିର ନିକଟରେ ଶୁକ୍ରବାର କଂଗ୍ରେସର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଛାତ୍ରନେତା ବିଶ୍ୱଜିତ୍ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ଶତାଧିକ ବିଜେଡି ଓ ଭାଜପା କର୍ମୀ କଂଗ୍ରେସରେ ଯୋଗ ଦେଇଥିଲେ। ପିସିସି ଉପସଭାନେତ୍ରୀ ସସ୍ମିତା ବେହେରା, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସବିତା ଧୀର, ଅନୁଗୋଳ ବ୍ଲକ ପୂର୍ବତନ ବ୍ଲକ ଅଧକ୍ଷ ବଂଶୀଧର ପ୍ରଧାନ, ଛେଣ୍ଡିପଦା ବ୍ଲକର ପୂର୍ବତନ ଅଧକ୍ଷ ରଘୁନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦାୟ ନେଲେ ମହିଷମର୍ଦ୍ଦିନୀ

ଓଡ଼ାପଡ଼ା/ପରଜଙ୍ଗ, ୨୦।୧୦(ଡି.ଏନ.ଏ.)-

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଦାଣ୍ଡିମାଳ ଅଞ୍ଚଳରେ ଚାଲିଥିବା ଶାରଦୀୟ ଦୁର୍ଗାପୂଜାର ଅନ୍ତିମ ପର୍ବ ଭସାଣ ଶୋଭାଯାତ୍ରା ଶନିବାର ଶେଷ ହୋଇଛି। ମିଳିତ ଶୋଭାଯାତ୍ରାରେ ୧୧ଟି ମେଢ଼ ସାମିଲ ହୋଇଥିଲେ। ପୂର୍ବାହ୍ନରୁ ସିମିନଇ ବଡ଼ବଜାର, ତରୁଣ ଦୁର୍ଗାପୂଜା ଅନୁଷ୍ଠାନ, ଅରୁଣ ଦୁର୍ଗାପୂଜା କମିଟି, ଜୟଦୁର୍ଗା ପୂଜା ପ୍ରତିଷ୍ଠାନ, ଭାଗବତ ସାହି, ଗାନ୍ଧୀ ଛକ, ନୂଆସାହି, ସ୍କୁଲ ପାଖ ସାହି, ନୀଳାମ୍ବରପୁର, ମହେନ୍ଦ୍ରପୁର, ଭଗବାନପୁର ପୂଜା ମଣ୍ଡପରେ ପୂଜିତ ମା'ଙ୍କ ମୃଣ୍ମୟୀ ଶୋଭାଯାତ୍ରାରେ ବାହାରି ସିମିନଇ ଯାତ୍ରା ପଡ଼ିଆରେ ଏକାଠି ହୋଇଥିଲେ। ଅପରାହ୍ନ ୩ଟାରେ ମିଳିତ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ବାଜାବାଣ ଘଣ୍ଟଘଣ୍ଟା, ଖୋଳତାଳ ମଧ୍ୟରେ ମା'ଦୁର୍ଗାଙ୍କୁ ବିଦାୟ ଦେଇଥିଲେ ଶ୍ରଦ୍ଧାଳୁ। ଶୋଭାଯାତ୍ରା ଦାଣ୍ଡିମାଳ ପର୍ଯ୍ୟନ୍ତ ଯାଇଥିଲା। ସେଠାରୁ ପୁଣିଥରେ ରେଙ୍ଗାଳି ଦକ୍ଷିଣ କେନାଲ ପର୍ଯ୍ୟନ୍ତ ଆସି ସେଠାରେ ବିସର୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି।





ପରଜଙ୍ଗ, ଓଡ଼ାପଡାରେ ମା'ଙ୍କୁ ଭସାଣି ପାଇଁ ନିଆଯାଉଛି।

ପରଜଙ୍ଗରେ ଚାଲିଥିବା ଦଶହରା ଉତ୍ସବ ଶେଷ ହୋଇଛି। ବାଜାବାଣ, ଡିଜେ ସାଉଣ୍ଡ ସହିତ ଆଖି ଝଲସାଇ ଦେବାଭଳି ଆଲୋକମାଳାର ରୋଶଣିରେ ମା'ଙ୍କୁ ବିଦାୟ ଦେଇଥିଲେ ହଜାର ହଜାର ଶ୍ରଦ୍ଧାଳୁ। ଏହାକୁ ନେଇ ଦୁଲୁକି ଉଠିଥିଲା ଗାଁ ଦାଣ୍ଡ। ଗ୍ରାମ ପରିକ୍ରମା ପରେ ମା' ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମାକୁ ବ୍ରାହ୍ମଣୀ ନଦୀରେ ବିସର୍ଜନ କରାଯାଇଥିଲା। ସେହିପରି ଦଶହରା ଉତ୍ସବ ଲାଗି ୩ଦିନ ଧରି ବାଦଦଣ୍ଡ, ପାଲା, ବନ୍ଧୁକ ଚାଳନା ପ୍ରତିଯୋଗିତା ସହ ରାବଣପୋଡ଼ି ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଡ. ନୃସିଂହ ସାହୁ ଜିଲା ଭାଜପା ସଭାପତି ବିଭୂତି ଭୂଷଣ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ସେହିପରି ସଦର ବ୍ଲକ ଭୋଜଦେଇପୁର, ହିନ୍ଦୋଳ ବ୍ଲକ ଦୁଦୁରକୋଟରେ ବିଜୟାଦଶମୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଭୋଜଦେଇପୁର ଭୋଳେଶ୍ୱର ମନ୍ଦିରରେ ମା' ପାର୍ବତୀଙ୍କ ୩ଦିନ ଧରି ଦୁର୍ଗାସୋବ ଓ ଚଣ୍ଡିଯଜ୍ଞ ଅନୁଷ୍ଠିତ ହୋଇଥିଲା । ନବମୀରେ ଯଜ୍ଞ ପୂର୍ଣ୍ଣାହୁତି ଦିଆଯାଇଥିଲା। ସେହିପରି ଦୁଦୁରକୋଟରେ ପାଇକମାନେ ବୀରତ୍ୱ ପ୍ରଦର୍ଶନ କରିଥିଲେ। ସନ୍ଧ୍ୟାରେ ରାବଣପୋଡ଼ି ସହିତ ବାଦଦଣ୍ଡ ଆୟୋଜିତ ହୋଇଥିଲା।

## ସାପ୍ତାହିକ କାର୍ଯ୍ୟକ୍ରମ

**୨୧।୧୦।୧୮**

■ **ଢେଙ୍କାନାଳ**

ବଜରଙ୍ଗ କ୍ଲବ ବାର୍ଷିକ ମହୋତ୍ସବ 'ଆଗ୍ନେୟ -୨୦୧୮'
ସ୍ଥାନ: ମିନି ଷ୍ଟାଡିୟମ
ସମୟ: ସନ୍ଧ୍ୟା ୬ଟା।

■ **ବଅଁରପାଳ**

କୁଲାଡ଼ ସେଣ୍ଟ୍ରାଲ ପୂଜା କମିଟିର ବୈଠକ
ସ୍ଥାନ: କୁଲାଡ଼ ଛକ
ସମୟ: ପୂର୍ବାହ୍ନ ୧୦ଟା।

**୨୨।୧୦।୧୮**

■ **ଢେଙ୍କାନାଳ**

୩୩ତମ ନଟରାଜ କୁମାରୋତ୍ସବ-୨୦୧୮
ସ୍ଥାନ: ଗୋପବନ୍ଧୁ ଟାଉନ୍ ହଲ୍।
ସନ୍ଧ୍ୟା: ସାଢ଼େ ୬ଟା।

-ଆଗ୍ନେୟ -୨୦୧୮ ଉଦ୍‌ଯାପନୀ ସମାରୋହ
ସ୍ଥାନ: ମିନି ଷ୍ଟାଡିୟମ
ସମୟ: ସନ୍ଧ୍ୟା ୬ଟା।

-ଜନ ଅଭିଯୋଗ ଶୁଣାଣି ଶିବିର
ସ୍ଥାନ: ପରଜଙ୍ଗ ବ୍ଲକ କାର୍ଯ୍ୟାଳୟ
ସମୟ: ପୂର୍ବାହ୍ନ ୧୦ଟା।

■ **ବଅଁରପାଳ**

ଗିରାଙ୍ଗ ଲକ୍ଷ୍ମୀପୂଜା କମିଟି ବୈଠକ
ସ୍ଥାନ: ଗିରଙ୍ଗ ଛକ
ସମୟ: ସନ୍ଧ୍ୟା ୭ ଟା।

**୨୩।୧୦।୨୦୧୮**

■ **ବଅଁରପାଳ**

ନାଲ୍‌କୋ ଏମ୍ପ୍ଲୟିଜ ସଙ୍ଘର ବୈଠକ
ସ୍ଥାନ: ନେସ କାର୍ଯ୍ୟାଳୟ
ସମୟ: ସନ୍ଧ୍ୟା ୭ଟା।

**୨୪।୧୦।୧୮**

■ **ଅନୁଗୋଳ**

ଲକ୍ଷ୍ମୀପୂଜା ଉତ୍ସବ
ସ୍ଥାନ: ବିଭିନ୍ନ ପୂଜା ମଣ୍ଡପ।
ସମୟ: ଅପରାହ୍ନ ୨ଟା।

■ **ବଅଁରପାଳ**

ମା' ବ୍ରହ୍ମାୟଣୀଙ୍କ ବାର୍ଷିକ ଯାତ୍ରା
ସ୍ଥାନ:ଗୋତମରା
ସମୟ: ମଧ୍ୟାହ୍ନ ୧୨ଟା।

■ **ଢେଙ୍କାନାଳ**

**୨୫।୧୦।୧୮**

ନଟରାଜ କୁମାରୋତ୍ସବ ଉଦଯାପନୀ ସନ୍ଧ୍ୟା
ସ୍ଥାନ: ମିନି ଷ୍ଟାଡିୟମ୍
ସମୟ:ସନ୍ଧ୍ୟା ସାଢ଼େ ୫ଟା।

-କାର୍ତ୍ତିକ ବ୍ରତାରମ୍ଭ
ସ୍ଥାନ: ବିଭିନ୍ନ ଦେବାଳୟ
ସମୟ: ପ୍ରାତଃ ୫ଟା।

■ **ବଅଁରପାଳ**

ବ୍ରହ୍ମାୟଣୀଙ୍କ ଯାତ୍ରା ଉପଲକ୍ଷେ ଅପେରା
ସ୍ଥାନ: ଗୋତମରା
ସମୟ: ସନ୍ଧ୍ୟା ୮ଟା।

**୨୬।୧୦।୨୦୧୮**

■ **ବଅଁରପାଳ**

ବ୍ରହ୍ମାୟଣୀଙ୍କ ଯାତ୍ରା ଉଦ୍‌ଯାପିତ
ସ୍ଥାନ: ଗୋତମରା
ସମୟ: ରାତି ୮ଟା।

# ବିଜେଡିରେ ମିଶିଲେ ୧୫ ଭାଜପା କର୍ମୀ



ମନ୍ତ୍ରୀଙ୍କ ଉପସ୍ଥିତିରେ ବିଜେଡିରେ ମିଶିଥିବା କର୍ମୀମାନେ।

ପରଜଙ୍ଗ, ୨୦।୧୦(ଡି.ଏନ.ଏ.)

ପରଜଙ୍ଗ ନିର୍ବାଚନମଣ୍ଡଳୀ କୁସୁମଯୋଡ଼ି ପଞ୍ଚାୟତର ୧୫ଜଣ ସକ୍ରିୟ ଭାଜପା କର୍ମୀ ଦଳ ଛାଡ଼ି ବିଜେଡିରେ ଯୋଗଦେଇଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ଲକ୍ଷ୍ମଣ ସାହୁ, ତପନ ସାହୁ, ବାଦଲ ସାହୁ, ଗୋପବନ୍ଧୁ ସାହୁ, ସତ୍ୟବାଦୀ ସାହୁ, ପୀତବାସ ସାହୁ, ଅକ୍ରୁ ସେଠୀ, ପ୍ରିୟବ୍ରତ ଦେହୁରୀ, ମଦନ ନାଏକ, ସୁରେଶ ସାହୁ, ପ୍ରଶାନ୍ତ ମହାରଣା, ସଞ୍ଜୟ ଦେହୁରୀ, ଦୀପକ ଦେହୁରୀ, ଗୋପବନ୍ଧୁ ସାହୁ। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଡା. ନୃସିଂହ ଚରଣ ସାହୁଙ୍କ ଡିହଡୋଳସ୍ଥିତ ବାସଭବନରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ସମସ୍ତେ ଆନୁଷ୍ଠାନିକ ଭାବେ ଦଳରେ ମିଶିଥିବା ଘୋଷଣା କରିଛନ୍ତି। ପଞ୍ଚାୟତ ସଭାପତି ନିତ୍ୟାନନ୍ଦ ସାହୁଙ୍କ ନେତୃତ୍ୱରେ ହେଉଥିବା ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ସେମାନେ ବିଜେଡିରେ ଯୋଗଦେଇଥିବା ସେମାନେ କହିଛନ୍ତି। ସମ୍ପୃକ୍ତ କର୍ମୀଙ୍କୁ ମନ୍ତ୍ରୀ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ବିଜେଡି ସଭାପତି ସୁବ୍ରତ କୁମାର ଦାସ, ବିଦ୍ୟାଧର ଦେହୁରୀ, ତରଣୀସେନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ସଂଗ୍ରାମୀ ସାରଙ୍ଗଧରଙ୍କ ଜୟନ୍ତୀ

ଅନୁଗୋଳ ଅଫିସ,୨୦।୧୦

ଅନୁଗୋଳ ବାଜିରାଉତ ଛାତ୍ରାବାସର ଶାନ୍ତିକୁଟୀର ମଧ୍ୟରେ ଗଡ଼ଜାତ ଆନ୍ଦୋଳନର ମହାନ ନେତା ସାରଙ୍ଗଧର ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଛାତ୍ରାବାସରେ ସମ୍ପାଦିକା କୃଷ୍ଣା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଉତ୍କଳ ସମ୍ମିଳନୀ ଅନୁଗୋଳ ଶାଖାର ସମ୍ପାଦକ ଇଂ. ଧନେଶ୍ୱର ସାହୁ ମୁଖ୍ୟ ଅତିଥି, ନାଲ୍‌କୋ ପ୍ରବନ୍ଧକ ଇଂ.ସଚ୍ଚିଦାନନ୍ଦ ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାରଙ୍ଗଧରଙ୍କ ତ୍ୟାଗ, ପ୍ରଜା ଆନ୍ଦୋଳନରେ ନେତୃତ୍ୱ ଓ ରାଉରକେଲା ଲୁହା କାରଖାନା ନିମନ୍ତେ ସ୍ଥାନ ନିରୂପଣ କରିବାରେ ତାଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଆମେରିକାର ବୈଜ୍ଞାନିକ ଥିବା ସାରଙ୍ଗଧର ଦାସ କେବଳ ମାତୃଭୂମିର ଆକର୍ଷଣରେ ଭାରତ ଆସି ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇଥିବା ଅତିଥିମାନେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାବଗ୍ରାହୀ ନାୟକ, ଲିପିକା ମହାପାତ୍ର, ନାରାୟଣ ମିଶ୍ର, କାମିନୀ ଦାସ, ଶରତ ନାୟକ, କ୍ଷୀରୋଦ ମହାରଣା, ସରସ୍ୱତୀ ସ୍ୱାଇଁଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରିଚାଳକ କୈଳାସ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରମାନେ ଦେଶାତ୍ମବୋଧକ ସଙ୍ଗୀତ, ସର୍ବଧର୍ମ ପ୍ରାର୍ଥନା ତଥା ଆଶ୍ରମ ସଙ୍ଗୀତ ଗାନ ସହ ସୂତ୍ରଯଜ୍ଞରେ ଭାଗ ନେଇଥିଲେ।

# ଏନ୍‌ଟିପିସି କର୍ମଚାରୀଙ୍କ ବିକ୍ଷୋଭ




ଏନ୍‌ଟିପିସି କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

କଣିହାଁ,୨୦।୧୦(ଡି.ଏନ.ଏ.)

କଣିହାଁ ଏନ୍‌ଟିପିସି ପ୍ରକଳ୍ପରେ ପ୍ରଫିଟ ସେୟାରିଂ ଦାବିରେ ୟୁନାଇଟେଡ ଏମ୍ପ୍ଲୋଇଜ ୟୁନିୟନ(ଏନ୍‌ଟିପିସି) ପକ୍ଷରୁ ଶନିବାର ଏନ୍‌ଟିପିସି ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ଶତାଧିକ କର୍ମଚାରୀ ବାଇପାସ ଛକ ନିକଟରେ ଏକତ୍ରିତ ହୋଇ ବିଭିନ୍ନ ନାରାବାଜି ଦେଇଥିଲେ। ଏନଟିପିସି ଉତ୍ପାଦନ କ୍ଷେତ୍ରରେ ଏକଜିକ୍ୟୁଟିଭ ଓ ନନ ଏକଜିକ୍ୟୁଟିଭ କର୍ମଚାରୀମାନେ ସମାନ ଭାବେ ଶ୍ରମଦାନ କରୁଥିବାବେଳେ ନନ ଏକଜିକ୍ୟୁଟିଭ କର୍ମଚାରୀଙ୍କୁ କେବଳ ସାନ୍ତ୍ୱନାମୂଳକ ଭାବେ କିଛି ଟଙ୍କା ଦିଆଯାଉଥିବା କର୍ମଚାରୀମାନେ ଅଭିଯୋଗ କରିଥିଲେ। ଏହି ପରିପେକ୍ଷୀରେ ଏନ୍‌ଟିପିସି ପ୍ରକଳ୍ପର ସିଜିଏମଙ୍କୁ ଏକ ଦାବିପତ୍ର ୟୁନିୟନ ତରଫରୁ ପ୍ରଦାନ କରାଯାଇଥିଲା। ରାଜେଶ ରଞ୍ଜନ ପାଣି, ପ୍ରଦୀପ ପ୍ରଧାନ, ପ୍ରାଣବନ୍ଧୁ ମହାରଣା, ବିମଳ ପ୍ରଧାନ, ଥବିର ସାହୁ, ପ୍ରତାପ ଚନ୍ଦ୍ର ସାହୁ ପ୍ରମୁଖ ସାମିଲ ଥିଲେ।

# ମାଛ ପାଇଁ ନାଳରେ ପଡୁଛି ବିଷ

ବଅଁରପାଳ,୨୦।୧୦ (ଡି.ଏନ.ଏ.)

କଣିହାଁ ବ୍ଲକ ଅଞ୍ଚଳର ବିଭିନ୍ନ ନାଳରେ କୀଟନାଶକ ଔଷଧ ପକାଇ ମାଛ ମରାଯାଉଛି। ଏଥିପାଇଁ ନାଳ ପାଣି ଦୂଷିତ ହେଉଛି। ଗୁରୁବାର ରାତିରେ କିଛି ଦୁର୍ବୃତ୍ତ ବଡଗୁଣ୍ଡରି, କଣିହାଁ ପଞ୍ଚାୟତ ଦେଇ ପ୍ରବାହିତ ବାଙ୍ଖୁଲି ନାଳରେ ବିଷ ପକାଇ ମାଛ ମାରିଥିଲେ। ଏଥିଯୋଗୁ ଶୁକ୍ରବାର ମାଛ ମରି ଭାସୁଥିବା ଦେଖିବାକୁ ମିଳିଥିଲା। ତୁରନ୍ତ ସଚେତନତା ସହିତ କଟକଣା ପୋଲିସ ପ୍ରଶାସନ ଓ ମତ୍ସ୍ୟ ବିଭାଗ ତରଫରୁ କରାଯିବାକୁ ସରପଞ୍ଚ ଲୋକନାଥ ସାହୁ, ସମିତିସଭ୍ୟ ଦେବେନ୍ଦ୍ର ବାରିକ ଦାବି କରିଛନ୍ତି।

# ଚୌରାଶୀ ଲକ୍ଷ୍ମୀପୂଜା ପ୍ରସ୍ତୁତି

ମାଧପୁର, ୨୦।୧୦

ଆଠମଲ୍ଲିକ ବ୍ଲକ ମାଧପୁର ବଜାର ଉପକଣ୍ଠରେ ହେଉଥିବା ଚୌରାଶି ପ୍ରଗଣାର ୫୧ ତମ ଚୌରାଶି ଗଜଲକ୍ଷ୍ମୀ ପୂଜା ଚଳିତ ବର୍ଷ ଧୁମଧାମରେ ପାଳନ କରାଯିବା ପାଇଁ ପ୍ରସ୍ତୁତି ଚାଲିଛି। ୧୦ରୁ ଊର୍ଦ୍ଧ୍ୱ ଦିନ ଧରି ହେବାକୁ ଥିବା ଏହି ପୂଜା ପାଇଁ କୁନ୍ଦନାଳୀ ପ୍ରଧାନ ଟେଷ୍ଟ ହାଉସ ତରଫରୁ ତୋରଣ ନିର୍ମାଣ କରାଯାଉଛି। ପ୍ରଥମ କରି କଂସ ଦରବାର କରାଯିବାର କାର୍ଯ୍ୟକ୍ରମ ରହିଥିବାବେଳେ ମିନାବଜାର, ଶିଶୁ କଳାକାରଙ୍କ କାର୍ଯ୍ୟକ୍ରମ, ଘୁଡୁକି ନୃତ୍ୟ, ଅପେରା, ମେଲୋଡ଼ି, ଦଣ୍ଡ, ବାଦୀପଲା ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି କମିଟିର ସମ୍ପାଦକ ଦୁଃଶାସନ ମେଣ୍ଡୁଲି ପ୍ରକାଶ କରିଛନ୍ତି।

# ନଭେମ୍ବର ପହିଲାରୁ ଖୋଲିବ ଶିମିଳିପାଳ

ବାରିପଦା ଅଫିସ,୨୦।୧୦

ମୟୂରଭଞ୍ଜ ଜିଲା ଅଧୀନ ଶିମିଳିପାଳ ଅଭୟାରଣ୍ୟ ଆସନ୍ତା ନଭେମ୍ବର ପହିଲାରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବ। ଏନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ବର୍ଷା କାରଣରୁ ପ୍ରତି ବର୍ଷ ଜୁନ ୧୬ ତାରିଖରୁ ବନ୍ଦ ରହୁଥିବା ଶିମିଳିପାଳ ଅଭୟାରଣ୍ୟକୁ ନଭେମ୍ବର ପହିଲାରୁ ଖୋଲାଯାଏ। ମନଲୋଭା ପ୍ରାକୃତିକ ଦୃଶ୍ୟରାଜି ସହ ଜଳପ୍ରପାତର ମଜା ନେବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରର ପର୍ଯ୍ୟଟକ ଉତ୍ସୁକତାର ସହ ଅପେକ୍ଷା କରିଥାନ୍ତି।

ପର୍ଯ୍ୟଟକମାନେ ପିଠାବଟା (ଲୁଲୁଙ୍ଗ) ଓ କାଳିଆଣି (ଯଶିପୁର) ଗେଟ ଦେଇ ଅଭୟାରଣ୍ୟ ଭିତରକୁ ପ୍ରବେଶ କରିବେ। ଉପରୋକ୍ତ ଦୁଇ ଗେଟରେ ସକାଳ ୬ ଟାରୁ ୯ଟା ପର୍ଯ୍ୟନ୍ତ ଭିତରକୁ ପ୍ରବେଶ ଅନୁମତି ପତ୍ର ଉପଲବ୍ଧ ହେବ। ସେଠାରେ ପର୍ଯ୍ୟଟକଙ୍କ ଯାନ ଓ ସେମାନଙ୍କ ଜିନିଷପତ୍ର ଯାଞ୍ଚ କରାଯିବ। ଦୈନିକ କାଳିଆଣି (ଯଶିପୁର) ଗେଟରେ ୩୫ଟି ଚାରି ଚକିଆ ଗାଡି ଏବଂ ପିଠାବଟା ଗେଟରେ ୨୫ ଗୋଟି ଗାଡି ପ୍ରବେଶ ଲାଗି ଅନୁମତି ଦିଆଯିବ। ସେହିପରି ପ୍ରବେଶ କରିବା ପୂର୍ବରୁ ପର୍ଯ୍ୟଟକମାନେ ପ୍ରଚଳିତ ନିୟମାବଳୀ ପାଳନ ନିମନ୍ତେ ଲିଖିତନାମା ଦେବେ। ଅପରାହ୍ନ ୩ ଟା ପୂର୍ବରୁ ଯୋରନ୍ଦ, ବରେହିପାଣି ଜଳପ୍ରପାତ ଏବଂ ଅପରାହ୍ନ ୪ଟା ସୁଦ୍ଧା ଚହଲା ସ୍ଥାନ ଛାଡିବେ। ତେବେ କୌଣସି କାରଣବଶତଃ ଅଭୟାରଣ୍ୟରେ ପର୍ଯ୍ୟଟକଙ୍କ ଯାନ ଖରାପ ହେଲେ ସେମାନଙ୍କୁ ବାରିପଦା କିମ୍ବା ଯଶିପୁର ସ୍ଥାନାନ୍ତର କରାଯିବ। ଏଥିନିମନ୍ତେ ସେମାନେ ଅଗ୍ରିମ ଭାବେ ୪ ହଜାର ଟଙ୍କା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷଙ୍କ ନିକଟରେ ପଇଠ କରିବେ। ପ୍ରତି ଗାଡିରେ ଜଣେ ଲେଖାଏ ଗାଇଡ ନେବା ବାଧ୍ୟତାମୂଳକ। ଅଭୟାରଣ୍ୟର କୁମାରୀ, ଗୁଡୁଗୁଡିଆ, ରାମତୀର୍ଥ ଓ ଜାମୁଆଣିରେ ଥିବା ଯାତ୍ରୀନିବାସରେ ରହିବାକୁ ହେଲେ ପର୍ଯ୍ୟଟକଙ୍କୁ ୱେବ ସାଇଟ(ଡବ୍ଲ୍ୟୁ.ଡବ୍ଲ୍ୟୁ.ଡବ୍ଲ୍ୟୁ.ଇକୋଟ୍ୟୁରଓଡିଶା.କମ)ରେ ଅଗ୍ରିମ ଆରକ୍ଷଣ କରିବାକୁ ହେବ। ପର୍ଯ୍ୟଟକଙ୍କୁ ନେଇଯାଇଥିବା କୌଣସି ଯାନ ଦ୍ୱିତୀୟ ଥର ପାଇଁ ନିୟମାବଳୀ ଉଲ୍ଲଂଘନ କଲେ ସେହି ଯାନକୁ ଭବିଷ୍ୟତରେ ଅଭୟାରଣ୍ୟକୁ ପ୍ରବେଶ ଅନୁମତି ଦିଆଯିବ ନାହିଁ। ପର୍ଯ୍ୟଟକମାନେ ଅପରାହ୍ନ ୫ଟା ସୁଦ୍ଧା ପିଠାବଟା, ତୁଳସିବଣି ଓ କାଳିଆଣି ତନଖି ଫାଟକ ଅତିକ୍ରମ କରିବାକୁ ନିର୍ଦ୍ଦେଶ ରହିଛି।

**ନିୟମାବଳୀ ପାଳନ ନିମନ୍ତେ ଦେବେ ଲିଖିତନାମା**



■ପିଠାବଟା ଓ କାଳିଆଣି ଦେଇ ପ୍ରବେଶ କରିବେ ପର୍ଯ୍ୟଟକ

■ପ୍ରତି ଗାଡିରେ ଗାଇଡ଼ ବାଧ୍ୟତାମୂଳକ

■ୱେବସାଇଟରେ କରି ହେବ ଅଗ୍ରିମ ଆରକ୍ଷଣ

# କଳାସଂସ୍କୃତି ପାଇଁ ଓଡ଼ିଶା ଗର୍ବିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ବଇଣ୍ଡା,୨୦।୧୦(ଡି.ଏନ.ଏ.)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ହାଇସ୍କୁଲଠାରେ ଚାଲିଥିବା ଦୁର୍ଗାପୂଜା ଅବସରରେ ଗୁରୁବାର ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାକାରଙ୍କୁ ପୁରସ୍କୃତ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଇଣ୍ଡା ଜନତା ମହାବିଦ୍ୟାଳୟର ଅଧ୍ୟାପକ ସିଦ୍ଧାର୍ଥ କୁମାର ପଣ୍ଡା ଯୋଗଦେଇ କହିଲେ ଯେ, କଳାସଂସ୍କୃତି ପାଇଁ ଓଡ଼ିଶା ଗର୍ବିତ। ଗ୍ରାମାଞ୍ଚଳରେ ଅନେକ ପ୍ରତିଭା କଳାକାରଙ୍କ ପାଖରେ ରହିଛି। ସେଗୁଡ଼ିକ ଲୋକଲୋଚନକୁ ଆସିବା ଦରକାର ବୋଲି ଅଧ୍ୟାପକ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ଗ୍ରାମ ସଭାପତି ରାଜେନ୍ଦ୍ର ରାଉତ, ନୁନୁକାପଶି ସରପଞ୍ଚ ଜଳଧର ସାହୁ, ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ସାହୁ, ବରିଷ୍ଠ ନାଗରିକ ଅର୍ଜୁନ ସାହୁ, ପରିକ୍ଷିତ ସାହୁ, ସୌମ୍ୟପ୍ରକାଶ ଶତପଥୀ, ଅଶେଷ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ୧୧ ଜଣ କଳାକାରଙ୍କୁ ମାନପତ୍ର ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଗିରିଶ ଚନ୍ଦ୍ର ବେହେରା ପରିଚାଳନା କରିଥିଲେ।

